# ଅଧ୍ୟାୟ III

# ଅନୁପାଳନ ସମୀକ୍ଷା

# ଅଧ୍ୟାୟ III

## ଅନୁପାଳନ ସମୀକ୍ଷା

ସରକାରଙ୍କ ବିଭିନ୍ନ ବିଭାଗ ତଥା ସେମାନଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ମାନଙ୍କର ଅନୁପାଳନ ସମୀକ୍ଷାରୁ ସଂସାଧନ ପରିଚାଳନାରେ ବିଭିନ୍ନ ପ୍ରକାରର ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିଲା । ଏଗୁଡ଼ିକ ନିମ୍ନ ଅନୁଚ୍ଛେଦ ମାନଙ୍କରେ ଆଲୋଚିତ ହୋଇଅଛି ।

## ଜଳସମ୍ପଦ ବିଭାଗ

### *3.1 ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟରେ ନିଷ୍ଫଳ ଅର୍ଥବ୍ୟୟ*

ନଦୀର ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟ ରେ ଅନୁପଯୁକ୍ତ ଯୋଜନା ଯୋଗୁଁ ସାତ ଗୋଟି ଗ୍ରାମ ବନ୍ୟା ଜଳ ପ୍ରବେଶ ସୁରକ୍ଷାରୁ ବଞ୍ଚିତ ହେଲେ ଓ ଫସଲ ହାନିର ସମ୍ମୁଖୀନ ହେଲେ । ତେଣୁ ପାଣ୍ଠି ପରିବର୍ତ୍ତନ ଦ୍ୱାରା **1.91** କୋଟି ଟଙ୍କା ବିଶିଷ୍ଟ ଆଡ଼ିବନ୍ଧର ପ୍ରଶସ୍ତୀକରଣ ପାଇଁ କାର୍ଯ୍ୟ ଅନିୟୋଜିତ ବ୍ୟୟ ସହିତ **17.40** କୋଟି ଟଙ୍କାର ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ନିଷ୍ଫଳ ସାବ୍ୟସ୍ତ ହେଲା ।

ସାତ ଗୋଟି ଗ୍ରାମକୁ ବନ୍ୟା ପ୍ରକୋପ ଏବଂ ଫସଲ ହାନିରୁ ରକ୍ଷା କରିବା ଶତ୍ରୁଖାଇ ଠାରୁ ପଞ୍ଚୁପାଲ୍ଲୀ ପର୍ଯ୍ୟନ୍ତ ବୈତରଣୀ ଦକ୍ଷିଣ ଆଡ଼ିବନ୍ଧର ଉଦ୍ଦେଶ୍ୟ ଥିଲା । ସାପୁଆ ନଦୀ, ଯାହାକି ବୈତରଣୀ ନଦୀର ଏକ ଉପନଦୀ ଅଟେ, ତାହାର ଆଡ଼ିବନ୍ଧର ଆର.ଡି. 13,500 ମି. ଠାରେ 1.60 ମିଟର ଉଚ୍ଚତା ବିଶିଷ୍ଟ ବ୍ୟାରେଲ୍ କାନ୍ଥ ସହିତ ଏକ ନିଷ୍କାସନ



ବୈତରଣୀ ଏବଂ କୁସେଇ ନଦୀ



ଆଂଶିକ ନିର୍ମିତ ସ୍ଲୁଇସର ବ୍ୟାରେଲ୍ କାନ୍ଥ (1987)

ସ୍ଲୁଇସ୍ ଆଂଶିକ ଭାବେ ନିର୍ମିତ ହୋଇଥିଲା । ଆଂଶିକ ଭାବେ 1987 ମସିହାରେ ନିର୍ମିତ ଏହି ସ୍ଲୁଇସଟି ବୈତରଣୀ ନଦୀ ଡାହାଣ ଆଡ଼ିବନ୍ଧର ଶେଷ ଅଂଶରେ ଏବଂ କୁସେଇ ନଦୀ ବାମ ଆଡ଼ିବନ୍ଧ ମଧ୍ୟରେ ଅବସ୍ଥିତ ଥିଲା କିନ୍ତୁ ଏହା ଉଭୟ ଆଡ଼ିବନ୍ଧକୁ ସଂଯୋଗ କରୁନଥିଲା । ଏହି ଭାବରେ ଉଭୟ ଆଡ଼ିବନ୍ଧ ମଧ୍ୟରେ ଥିବା ଫାଙ୍କ 34 ବର୍ଷ ଧରି ନିରନ୍ତର ରହିଥିଲା, ଯେଉଁ ଫାଙ୍କ ଦେଇ ବନ୍ୟା ଜଳ ଗ୍ରାମ ଗୁଡ଼ିକ ଏବଂ ଚାଷ ଜମି ମଧ୍ୟକୁ ପ୍ରବେଶ କରୁଥିଲା । ସ୍ଥାନୀୟ ଜନତା ତଥା ଲୋକ ପ୍ରତିନିଧି ଆୟାକଟ୍ ମଧ୍ୟକୁ ବନ୍ୟାଜଳ ପ୍ରବେଶ ରୋକିବା ନିମନ୍ତେ ଉକ୍ତ ସ୍ଲୁଇସ ଫାଟକର ନିର୍ମାଣ ଦାବୀ କରିଥିଲେ ।

ତଦନୁଯାୟୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ସି.ସି.ଇ.), ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ (ଏ.ବି.ପି.), ଶାଳପଡ଼ା କାର୍ଯ୍ୟସ୍ଥଳୀ ଠାରେ ଏକ ସର୍ବେକ୍ଷଣ ଓ ଅନୁସନ୍ଧାନ ସମ୍ପନ୍ନ କରିଥିଲେ ଏବଂ "ନଦୀ କୂଳର ସୁରକ୍ଷା ସହିତ ଶତ୍ରୁଖାଇ ଠାରୁ ପଞ୍ଚୁପାଲ୍ଲୀ ପର୍ଯ୍ୟନ୍ତ ବୈତରଣୀ ନଦୀର ଡାହାଣ ପାର୍ଶ୍ୱର ଉତ୍ଥାନ ଓ ସୁଦୃଢ଼ୀକରଣ କାର୍ଯ୍ୟ" ପାଇଁ 16.35 କୋଟି ଟଙ୍କାର ଅନୁମାନ

ମଞ୍ଜୁର କରିଥିଲେ (ସେପ୍ଟେମ୍ବର 2015)। ବିଦ୍ୟମାନ ଥିବା ପୁରୁଣା ସ୍ଲୁଇସକୁ ସିଲ୍ ସ୍ତର[7] ପର୍ଯ୍ୟନ୍ତ ଭଙ୍ଗା ଯାଇ 1.91 କୋଟି ଟଙ୍କା ବ୍ୟୟ ସହିତ ଏକ ନୂତନ ସ୍ଲୁଇସର ନିର୍ମାଣ କାର୍ଯ୍ୟ ଏହି ଆକଳନରେ ଅନ୍ତର୍ଭୁକ୍ତ ଥିଲା। ଜୁନ୍ 2016 ରେ 15.79 କୋଟି ଟଙ୍କା ମୂଲ୍ୟରେ ଏହାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ଯାହା ଡିସେମ୍ବର 2017 ସୁଦ୍ଧା ସମାପ୍ତ ହେବାର ଥିଲା। ମାର୍ଚ୍ଚ 2021 ସୁଦ୍ଧା 17.40 କୋଟି ଟଙ୍କା ବ୍ୟୟ ସହିତ କାର୍ଯ୍ୟଟି ଚାଲୁ ରହିଥିଲା।

ଏହି କାର୍ଯ୍ୟର ନିଷ୍ପାଦନ ସମୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଏ.ଡି.ପି. କାର୍ଯ୍ୟସ୍ଥଳୀ ନିରୀକ୍ଷଣ କରିଥିଲେ (ଡିସେମ୍ବର 2017) ଏବଂ ମତାମତ ଦେଇଥିଲେ ଯେ ପୂର୍ବ ଅନୁମୋଦିତ (1987) ନକ୍ସା ଅନୁଯାୟୀ ନିର୍ମିତ ପୁରୁଣା ସ୍ଲୁଇସଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ପୁନର୍ବାର ମୁଖ୍ୟ ଯନ୍ତ୍ରୀ (ନକ୍ସା)ଙ୍କ ନୂତନ ଅନୁମୋଦନ ଆବଶ୍ୟକ ଅଟେ। ତେଣୁ, ସିଲ୍ ସ୍ତର ଉପରକୁ ଭଙ୍ଗାଯାଇ ପୁରୁଣା ସ୍ଲୁଇସର ଅଂଶ ଉପରେ ନୂତନ ସ୍ଲୁଇସର ନିର୍ମାଣ କରାଯିବା ଅନୁଚିତ୍। ସେ ଏହି ପ୍ରକଳ୍ପରୁ ସ୍ଲୁଇସର ନିର୍ମାଣକୁ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ଦେଲେ। ଇତି ମଧ୍ୟରେ, ନିର୍ବାହୀ ଯନ୍ତ୍ରୀ (ନି.ଯ.), ବୈତରଣୀ ବିଭାଜନ, ଶାଳପଡ଼ା ଆଡ଼ିବନ୍ଧ ଠାରେ ଅତ୍ୟଧିକ ଟ୍ରାଫିକ୍ ଭିଡ଼ ଯୋଗୁ ସ୍ଥାନୀୟ ଲୋକଙ୍କ ଦାବୀକୁ ଦୃଷ୍ଟିରେ ରଖି ଆଡ଼ିବନ୍ଧର ଉପର ପୃଷ୍ଠର 5.5 ମି. ରୁ 6.5 ମି. ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ନିମନ୍ତେ ଆକଳନ ପାଇଁ ପ୍ରସ୍ତାବ ଦେଲେ। ଜାନୁଆରୀ 2017 ରେ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ନିମିତ୍ତ ଆବଣ୍ଟିତ 1.91 କୋଟି ଟଙ୍କାର ପାଣ୍ଠିକୁ ଅନ୍ୟତ୍ର ବ୍ୟୟ କରିବା ନିମିତ୍ତ ଏହି ପ୍ରସ୍ତାବକୁ ସି.ସି.ଇ. ଅନୁମୋଦନ ଦେଲେ।

ଏହି ପରିପ୍ରେକ୍ଷୀରେ, ସମୀକ୍ଷା ଅବଲୋକନ କଲା ଯେ :

- ଯେହେତୁ ଆଡ଼ିବନ୍ଧର ଉପର ପୃଷ୍ଠର 5.5 ମି. ରୁ 6.5 ମି. ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ସମ୍ପନ୍ନ କରାଯିବା ଲାଗି ପୂର୍ବରୁ କୌଣସି ଅର୍ଥର ଆବଣ୍ଟନ ହୋଇ ନଥିଲା, ତେଣୁ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବା ଅନିୟମିତ ଥିଲା।
- ପୁରୁଣା ସ୍ଲୁଇସର ନିର୍ମାଣ ବର୍ଷର ତଥ୍ୟ ସି.ସି.ଇ ଙ୍କ ଠାରେ ଉପଲବ୍ଧ ଥିଲା। ଆକଳନର ମଞ୍ଜୁରୀ ପୂର୍ବରୁ ଉପଯୁକ୍ତ ସର୍ବେକ୍ଷଣ କରାଯାଇ ପୁରୁଣା ସ୍ଲୁଇସର ସିଲ୍ ସ୍ତର ପର୍ଯ୍ୟନ୍ତ ଭଙ୍ଗାଯାଇ ଏହା ଉପରେ ନୂଆ ସ୍ଲୁଇସର ନିର୍ମାଣର ଯଥାର୍ଥତା ସୁନିଶ୍ଚିତ କରିବା ଆବଶ୍ୟକ ଥିଲା। କିନ୍ତୁ ଏଥିରୁ ଏହା ସ୍ପଷ୍ଟ ହେଲା ଯେ ଏହି ପ୍ରକଳ୍ପର ସମାପନ ବେଳେ ନୂତନ ସ୍ଲୁଇସର ନିର୍ମାଣ କାର୍ଯ୍ୟକୁ ଏଥିରେ ନିଷ୍ପାଦନ କରାଯାଇ ନ ଥିଲା, କାରଣ ସି.ସି.ଇ ଙ୍କ ଅନୁମୋଦିତ ଆକଳନଟି ନିଷ୍ପାଦନ ଯୋଗ୍ୟ ନକ୍ସା ଓ ବିନ୍ଦୁ ଉପରେ ଆଧାରିତ ନ ଥିଲା।
- ଉକ୍ତ ଆଡ଼ିବନ୍ଧ ମଧ୍ୟରେ ଥିବା ଖାଲି ସ୍ଥାନ ଦେଇ ଗ୍ରାମଗୁଡ଼ିକୁ ଓ ଚାଷ ଜମି ଭିତରକୁ ବନ୍ୟା ଜଳର ପ୍ରବେଶ ରୋକିବା ନିମନ୍ତେ ନୂତନ ସ୍ଲୁଇସ୍ ନିର୍ମାଣର ଯୋଜନା କରାଯାଇଥିଲା। ଯେହେତୁ ନୂତନ ସ୍ଲୁଇସ୍ ନିର୍ମାଣ ସମ୍ପନ୍ନ ହୋଇପାରିଲା ନାହିଁ, ଏହି ବ୍ୟବଧାନ ଅପରିବର୍ତ୍ତିତ ରହିଲା। ଏହି ରୂପରେ, ଗ୍ରାମଗୁଡ଼ିକୁ ଓ ଚାଷ ଜମି ମଧ୍ୟକୁ ବନ୍ୟା ଜଳ ମାଡ଼ି ଆସିବାର ଯଥେଷ୍ଟ ଆଶଙ୍କା ରହିଲା।

ଏହିପରି, ସାତ ଗୋଟି ଗ୍ରାମର ଅଧିବାସୀଙ୍କୁ ବନ୍ୟା ଦାଉରୁ ସୁରକ୍ଷା ଯୋଗାଇ ଦେବାର ମୂଳ ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ ଏବଂ 1.91 କୋଟି ଟଙ୍କାରେ ଆଡ଼ିବନ୍ଧର ପ୍ରଶସ୍ତୀକରଣ କାର୍ଯ୍ୟରେ ଅନିୟମିତ ବ୍ୟୟ ସହିତ 17.40 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେଲା।

ସରକାର କହିଲେ (ସେପ୍ଟେମ୍ବର 2021) ଯେ, ଯେହେତୁ ନିଷ୍କାସନ ସ୍ଲୁଇସଟି 30 ବର୍ଷ ପୂର୍ବରୁ ନିର୍ମିତ ହୋଇଥିଲା ଏବଂ ଏହି ନିର୍ମିତ ଆକୃତିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବୈଷୟିକ ଦୃଷ୍ଟିକୋଣରୁ ସ୍ଲୁଇସ୍ ନିର୍ମାଣ ଯଥାର୍ଥ ନୁହେଁ, ନୂତନ ହାଇଡ୍ରୋଲିକ୍ ତଥ୍ୟ ଆଧାରରେ ଅନ୍ୟ ଏକ ନକ୍ସାକୁ ଅନୁମୋଦନ ମିଳିସାରିଛି ଏବଂ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବ। ଏହି ଉତ୍ତରଟି ହିଁ ଯୋଜନାର ଅଭାବକୁ ଦର୍ଶାଉଥିଲା, ଯେହେତୁ, ଆକଳନ ପ୍ରସ୍ତୁତି ଏବଂ ସ୍ଲୁଇସ ର ନିର୍ମାଣ ପାଇଁ 1.91 କୋଟି ଟଙ୍କାର ମଞ୍ଜୁରି ସମୟରେ ନିଷ୍କାସନ ସ୍ଲୁଇସ ର ଅବସ୍ଥା, ନୂତନ ହାଇଡ୍ରୋଲିକ୍ ତଥ୍ୟ ଇତ୍ୟାଦି କାରଣ କୁ ବିଚାର କରାଯାଇନଥିଲା। ଏହି ଅନୁପଯୁକ୍ତ ଯୋଜନା ଲାଗି ଆଡ଼ିବନ୍ଧର ପ୍ରଶସ୍ତୀକରଣ କାର୍ଯ୍ୟରେ ଅନାବଶ୍ୟକ ଅର୍ଥବ୍ୟୟ ହେଲା।

[7] ସିଲ୍ ସ୍ତର କହିଲେ ସ୍ଲୁଇସ୍ (ସ୍ଲୁଇସ୍)ର ନିମ୍ନ ଭାଗକୁ ବୁଝାଏ ଏବଂ ଏହା ଗେଟ୍ ବନ୍ଦ ହେଲେ (ଗେଟ୍)କୁ ଉଚିତ ଜଳ ମାଧ୍ୟମରେ ବନ୍ଦ ହୋଇ ଜଳ ପ୍ରବାହିତ ହେବା ନିୟନ୍ତ୍ରିତ ହୋଇ ପାରିବ। ସିଲ୍ ସ୍ତର ଉପରେ ଦେଖା ହେଉଥିବା ଅଂଶକୁ ଉପର ସଂରଚନା ଏବଂ ନିମ୍ନ ଅଂଶକୁ ମୂଳ ସଂରଚନା ବୁଝାଏ।

## 3.2 ଠିକାଦାର ମାନଙ୍କୁ ଅଯଥା ବର୍ଦ୍ଧିତ ଦରରେ ଅର୍ଥ ପ୍ରଦାନ

> ସାମଗ୍ରୀ, ଶ୍ରମ ଏବଂ ପି.ଓ.ଏଲ. ର ଦର ବୃଦ୍ଧିର ଦେୟ ପ୍ରଦାନ / ବ୍ୟବସ୍ଥାପକ ସମ୍ବନ୍ଧୀୟ ଦର ପରିବର୍ତ୍ତନ/ ବୃଦ୍ଧି ଆଦେଶ କୁ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନାକଚ କରିଥିଲେ। ଏହି ଆଦେଶକୁ ଉଲ୍ଲଂଘନ କରି, ଦୁଇ ନିର୍ବାହୀ ଯନ୍ତ୍ରୀ ଦର ବୃଦ୍ଧି ବାବଦରେ 90.12 କୋଟି ଟଙ୍କା ପ୍ରଦାନ କରିଥିଲେ।

ବିଭିନ୍ନ ନିବେଶ ଦ୍ରବ୍ୟ ଯଥା ସର୍ବନିମ୍ନ ମଜୁରୀ ଦର, ସାମଗ୍ରୀ, ପେଟ୍ରୋଲ, ତୈଳ, ଲୁବ୍ରିକାଣ୍ଟ (ପି.ଓ.ଏଲ.) ଇତ୍ୟାଦିର ମୂଲ୍ୟ ବୃଦ୍ଧି/ ହ୍ରାସ ଘଟିଲେ, ଦର ବୃଦ୍ଧି ସମୟରେ ଠିକାଦାରଙ୍କୁ କ୍ଷତି ପୂରଣ କିମ୍ବା ସରକାରଙ୍କୁ ରିହାତି ବ୍ୟବସ୍ଥା ପାଇଁ ଓଡ଼ିଶା ସରକାର (ବି.ଓ.ଓ.) ମୂଲ୍ୟର ସମାୟୋଜନ ପାଇଁ ସମୟାନୁସାରୀ ଆଦେଶ ଜାରୀ କରିଥାନ୍ତି ଯାହାକି ଚୁକ୍ତିନାମା ପରିସର ନିୟମାବଳୀ/ ସର୍ତ୍ତାବଳୀର ଅଂଶ ବିଶେଷ ଅଟେ।

କାର୍ଯ୍ୟ ଚୁକ୍ତିନାମାରେ ସିମେଣ୍ଟ, ଇସ୍ପାତ୍ ଏବଂ ବିଟୁମେନ୍ ଆଦିର ମୂଲ୍ୟ ବିବିଧତା ହେତୁ ଅର୍ଥ ପ୍ରଦାନ/ ଅର୍ଥ ଅସୁଲି ସମ୍ବନ୍ଧରେ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର ଏକ ପରିପତ୍ର ଜାରୀ କରିଥିଲେ (ଏପ୍ରିଲ୍ 2007), ଯେଉଁଥିରେ ବିଶେଷତଃ ଦର୍ଶାଯାଇଛି ଯେ ମୂଲ୍ୟ ହ୍ରାସ କ୍ଷେତ୍ରରେ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଠିକାଦାରଙ୍କ ଠାରୁ ତୁରନ୍ତ ଭାବରେ ଅର୍ଥର ଅସୁଲି କରାଯିବ ଏବଂ 50,000 ଟଙ୍କାରୁ ଅଧିକ ମୂଲ୍ୟର ଅର୍ଥ ପ୍ରଦାନ ପାଇଁ ସରକାର ତଥା 50,000 ଟଙ୍କାରୁ କମ୍ ମୂଲ୍ୟର ଅର୍ଥ ପ୍ରଦାନ ପାଇଁ ଅଧୀକ୍ଷକ ଯନ୍ତ୍ରୀ/ ମୁଖ୍ୟ ଯନ୍ତ୍ରୀଙ୍କ ଠାରୁ ପୂର୍ବ ଅନୁମୋଦନ ପ୍ରାପ୍ତ କରାଯିବ।

ଅଖିଳ ଓଡ଼ିଶା ଠିକାଦାର ସଂଘ ଉପରୋକ୍ତ ମୂଲ୍ୟ ବିବିଧତା ପରିପତ୍ର ବିରୋଧରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଠାରେ ଅପିଲ୍ କରିଥିଲେ। ଇସ୍ପାତ, ସିମେଣ୍ଟ, ବିଟୁମେନ, ଶ୍ରମ ଏବଂ ପି.ଓ.ଏଲ୍. ଇତ୍ୟାଦିର ମୂଲ୍ୟ ବୃଦ୍ଧି କ୍ଷେତ୍ରରେ ଠିକାଦାର/ କାର୍ଯ୍ୟ ନିର୍ବାହୀ ସଂସ୍ଥା ମାନଙ୍କୁ ବିଭେଦାତ୍ମକ ମୂଲ୍ୟର ଦେୟ ପ୍ରଦାନ କରାଯିବା ପାଇଁ ହୋଇଥିବା ପରିପତ୍ରକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପକ୍ଷପାତ ପୂର୍ଣ୍ଣ ଏବଂ ଅଯୌକ୍ତିକ ଆଧାରରେ ଜୁଲାଇ 2012 ରେ ନାକଚ କଲେ। ଏହା ମଧ୍ୟ ପରିଲକ୍ଷିତ ହୋଇଥିଲା ଯେ, ଏହି ଦର ବିବିଧତା ପରିପତ୍ର ଯୋଗୁ କାର୍ଯ୍ୟର ନିଷ୍ପାଦନରେ ଠିକାଦାର ମାନେ ଆର୍ଥିକ କ୍ଷତି ସହିଥିଲେ। ଏହାପରେ, ସମାନ ଧାରାରେ, ଦର ବିବିଧତା କାରଣରୁ ଦେୟ ପ୍ରଦାନ/ ବିଭେଦାତ୍ମକ ମୂଲ୍ୟର ଅସୁଲି ସମ୍ବନ୍ଧରେ ବିସ୍ତୃତ ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି (ଡ଼ି.ଟି.ସି.ଏନ୍.)/ ଚୁକ୍ତିନାମାର ସର୍ତ୍ତାବଳୀରେ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇ ଓଡ଼ିଶା ସରକାର ଅନ୍ୟ ଏକ କାର୍ଯ୍ୟାଳୟ ସ୍ମାରକ (ଓ.ଏମ୍.) ଜାରୀ କରିଥିଲେ (ଡିସେମ୍ବର 2012)।

ଡିସେମ୍ବର 2012 ର କାର୍ଯ୍ୟାଳୟ ସ୍ମାରକ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରେ ଚ୍ୟାଲେଞ୍ଜ ହେଲା (ସେପ୍ଟେମ୍ବର 2016)। ମାନ୍ୟବର ଉଚ୍ଚ ନ୍ୟାୟାଳୟ ତାଙ୍କର ରାୟରେ ଏହି କାର୍ଯ୍ୟାଳୟ ସ୍ମାରକକୁ ନାକଚ କଲେ (ମେ 2018) ଏବଂ ଦର୍ଶାଇଲେ ଯେ ଏହା ପୂର୍ବବର୍ତ୍ତୀ ପରିପତ୍ର (ଏପ୍ରିଲ୍ 2007) ର କେବଳ ସଂଶୋଧନ ଅଟେ ଯାହା ପୂର୍ବରୁ ନାକଚ ହୋଇସାରିଛି। ଡିସେମ୍ବର 2012 ରେ ଜାରୀ ହୋଇଥିବା କାର୍ଯ୍ୟାଳୟ ସ୍ମାରକ ଆଧାରରେ ଠିକାଦାର ମାନଙ୍କ ବିରୁଦ୍ଧ ହୋଇଥିବା କୌଣସି ବିଯୁକ୍ତି କିମ୍ବା ଠିକାଦାରମାନଙ୍କୁ ପ୍ରଦାନ କରାଯାଇଥିବା ଅତିରିକ୍ତ ଅର୍ଥର ପରିସ୍ଥିତି ମୁତାବକ ଫେରସ୍ତ/ ବ୍ୟବସ୍ଥାପନ କରାଯିବା ସମ୍ବନ୍ଧୀୟ ଅନୁଦେଶ ଯୋଗ କରାଯିବା ସହିତ ଏକ ନୂତନ ପରିପତ୍ର ଜାରୀ କରାଯିବା ନିମନ୍ତେ ମଧ୍ୟ ମାନ୍ୟବର ଅଦାଲତ୍ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ, ପୂର୍ତ୍ତ ବିଭାଗ ନଭେମ୍ବର 2019 ରେ ଏକ ନୂତନ କାର୍ଯ୍ୟାଳୟ ସ୍ମାରକ ଜାରୀ କରିଥିଲେ।

ମେଗା ଲିଫ୍ଟ ପ୍ରକଳ୍ପର ବିଭାଜନ ଗୁଡ଼ିକର ନିର୍ବାହୀ ଯନ୍ତ୍ରୀ ମାନେ ଚାରିଗୋଟି ଚୁକ୍ତିର ଅଧୀନରେ ଡିସେମ୍ବର 2015 ରୁ ଡିସେମ୍ବର 2016 ମଧ୍ୟରେ 48 ଗୋଟି ମେଗା ଲିଫ୍ଟ ପ୍ରକଳ୍ପ ନିମନ୍ତେ 1,631.65 କୋଟି ଟଙ୍କାର କାର୍ଯ୍ୟ ପ୍ରଦାନ କରିଥିଲେ ଏବଂ ଏହା ଜୁନ 2018 ଏବଂ ଜୁନ 2019 ମଧ୍ୟରେ ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ଜାନୁଆରୀ 2020 ସୁଦ୍ଧା ଏହି କାର୍ଯ୍ୟଗୁଡ଼ିକ ଚାଲୁ ରହିଥିଲା ଏବଂ ଠିକାଦାର ମାନଙ୍କୁ ଏଥିପାଇଁ 1,431.88 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା। ଉପରୋକ୍ତ କାର୍ଯ୍ୟ ଗୁଡ଼ିକର ଟେଣ୍ଡର ସମୀକ୍ଷା ଦ୍ୱାରା ପ୍ରାପ୍ତ କରାଯାଇଥିଲା। ଏହା ଦେଖାଗଲା ଯେ, ଉପରୋକ୍ତ ଚାରୋଟି ଚୁକ୍ତିର ମଧ୍ୟରୁ ଦୁଇଟି ଚୁକ୍ତିନାମା ମେଗାଲିଫ୍ଟ ପ୍ରକଳ୍ପ ଡିସେମ୍ବର 2016 ରେ ପ୍ରଦାନ କରାଯାଇଥିଲା ଯାହା ଡିସେମ୍ବର 2012 ର କାର୍ଯ୍ୟାଳୟ ସ୍ମାରକ ସେପ୍ଟେମ୍ବର 2016 ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ପରେ ପ୍ରଦାନ ହୋଇଥିଲା। ତାହା ହେବା ସତ୍ତ୍ୱେ ଦର ବିବିଧତା ଧାରା ଗୁଡ଼ିକ ବିଭାଗ ଦ୍ୱାରା ଟେଣ୍ଡର/ ଚୁକ୍ତିନାମାରେ ଅନ୍ତର୍ଭୁକ୍ତ କରାଯାଇଥିଲା।

ସମୀକ୍ଷା ଯାଞ୍ଚରୁ ଜଣାଗଲା ଯେ, ଡିସେମ୍ବର 2012 ରେ ଜାରି ହୋଇଥିବା କାର୍ଯ୍ୟାଳୟ ସ୍ମାରକ ଆଧାରରେ ଦର ବିବିଧତା ବାବଦରେ ଠିକାଦାର ମାନଙ୍କୁ 90.12 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା । ଯେହେତୁ ସେହି ସମସ୍ତ କାର୍ଯ୍ୟ ଗୁଡ଼ିକ ନଭେମ୍ବର 2019 ର ସାମି କାର୍ଯ୍ୟାଳୟ ସ୍ମାରକ ଜାରି ହେବା ପୂର୍ବରୁ ସମ୍ପନ୍ନ ହୋଇଥିଲା, ଡିସେମ୍ବର 2012 ର କାର୍ଯ୍ୟାଳୟ ସ୍ମାରକ ଯାହା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ନାକଚ ହୋଇ ଯାଇଥିଲା, ସେହି ସ୍ମାରକ ଅନୁଯାୟୀ ମୂଲ୍ୟ ବୃଦ୍ଧି ବାବଦରେ 90.12 କୋଟି ଟଙ୍କାର ଅର୍ଥ ପ୍ରଦାନ ଅଦାଲତ ଆଦେଶର ଅବମାନନା ଅଟେ ଏବଂ ଏହାର ଅସୁଲି ଆବଶ୍ୟକ ।

ସରକାର ଜଣାଇଲେ (ଅଗଷ୍ଟ 2021) ଯେ 7 ମଇ 2018 ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ ଘୋଷଣା ହେବା ପୂର୍ବରୁ ସଂପୃକ୍ତ ବିଭାଗ ଚୁକ୍ତିନାମା ସର୍ତ୍ତାନୁଯାୟୀ ବର୍ଦ୍ଧିତ ମୂଲ୍ୟ ପ୍ରଦାନ କରିଥିଲେ । କିନ୍ତୁ ସରକାରଙ୍କ ଏହି ଉତ୍ତର ତଥ୍ୟ ଉପରେ ଆଧାରିତ ନୁହେଁ ଯେହେତୁ ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା 90.12 କୋଟି ଟଙ୍କା ଅର୍ଥ ମଧ୍ୟରୁ, 13.37 କୋଟି ଟଙ୍କା ମୂଲ୍ୟ ବିବିଧତା ବାବଦରେ ମଇ 2018 ପୂର୍ବରୁ ଯେତେବେଳେ ଓ.ଏମ୍. ଡିସେମ୍ବର 2012 ବି ଚ୍ୟାଲେଞ୍ଜରେ ଥିଲା ସେତେବେଳେ ପ୍ରଦାନ କରାଯାଇଥିଲା ଏବଂ 76.75 କୋଟି ଟଙ୍କା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ (ମଇ 2018) ପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଉଲ୍ଲଂଘନ କରି ପ୍ରଦାନ କରାଯାଇଥିଲା । ଯଦ୍ୟପି, ସମୀକ୍ଷା ଅବଲୋକନ କଲା ଯେ, କାର୍ଯ୍ୟାଳୟ ଜ୍ଞାପକ ଜାରୀ ହେବା ଦିନ ଠାରୁ ଡି.ବି.ସି.ଏନ୍./ ଚୁକ୍ତିନାମା ଅନୁଯାୟୀ ମୂଲ୍ୟ ସମାୟୋଜନ ଦାବୀଗୁଡ଼ିକୁ ବ୍ୟବସ୍ଥିତ କରିବା ଲାଗି, ସରକାର 19.11.2019 ରେ ଏକ କାର୍ଯ୍ୟାଳୟ ଜ୍ଞାପକ ଜାରୀ କରିଥିଲେ, ଯାହା 07.07.2012 ରୁ 18.11.2019 ପର୍ଯ୍ୟନ୍ତ ଅବଧିକୁ ପୂର୍ବବର୍ତ୍ତୀ ଭାବେ ଲାଗୁ କରାଯିବା ପାଇଁ, 07.06.2021 ରେ ପୁନର୍ବାର ସଂଶୋଧିତ ହୋଇଥିଲା, ଯାହା ମଇ 2018 ରେ ଜାରୀ ହୋଇଥିବା କୋର୍ଟ ଆଦେଶର ଉଲ୍ଲଂଘନ କରୁଥିଲା ।

## 3.3 ଏକ ନିଗମକୁ ଅନୁଚିତ୍ ଲାଭ ପ୍ରଦାନ

**ତତ୍ତ୍ୱାବଧାନ ଶୁଳ୍କ ବାବଦରେ ଗ୍ରହଣ ଯୋଗ୍ୟ 10 ପ୍ରତିଶତ ପରିବର୍ତ୍ତେ 15 ପ୍ରତିଶତ ହାରରେ ଅର୍ଥ ପ୍ରଦାନ କରାଯିବାରୁ ଏକ ନିଗମକୁ 18.57 କୋଟି ଟଙ୍କାର ଅତିରିକ୍ତ ଦେୟ ପ୍ରଦାନ କରାଗଲା ।**

ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର କାର୍ଯ୍ୟ ନିଷ୍ପାଦନ ପଦ୍ଧତି ସମ୍ବନ୍ଧୀୟ ବିଜ୍ଞପ୍ତି ଜାରୀ କରିଥିଲେ (ସେପ୍ଟେମ୍ବର 2012 ଏବଂ ମଇ 2016), ଯେଉଁଥିରେ ବିଶେଷ ଭାବେ ବର୍ଣ୍ଣାଯାଇଛି ଯେ ସରକାରୀ ଉଦ୍ୟୋଗ (ପି.ଏସ୍.ୟୁ.) ମାନଙ୍କ ଦ୍ୱାରା କୌଣସି କାର୍ଯ୍ୟର ସମ୍ପାଦନ ପାଇଁ ସମସ୍ତ ସରକାରୀ ପ୍ରକଳ୍ପ ଗୁଡ଼ିକର ଆକଳନ ପ୍ରସ୍ତୁତି ପି.ଏସ୍.ୟୁ ମାନଙ୍କ ଦ୍ୱାରା ପୂର୍ତ୍ତ ବିଭାଗ (ପି.ଡବ୍ଲ୍ୟୁ.ଡି.) ପ୍ରଚଳିତ ଦର ଖସଡ଼ା (ଏସ୍.ଓ.ଆର୍.) ଆଧାରରେ କରାଯିବ । ଅର୍ଥ ବିଭାଗ, ଓଡ଼ିଶା ସରକାର ମଧ୍ୟ ନିର୍ଦ୍ଦେଶ ଦେଇଥିଲେ (ଫେବୃଆରୀ 2011) ଯେ ଜମାର ସରକାରୀ କାର୍ଯ୍ୟରେ ତତ୍ତ୍ୱାବଧାନ ଶୁଳ୍କ ବାବଦରେ ପି.ଏସ୍.ୟୁ. ଙ୍କୁ ଦିଆଯାଉଥିବା ଅର୍ଥ 10 ପ୍ରତିଶତରେ ସୀମିତ ରଖାଯିବ ।

ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓ.ସି.ସି.ଏଲ୍.) ଯାହାକି ଏକ ରାଜ୍ୟ ପି.ଏସ୍.ୟୁ., "ମହାନଦୀ ବ୍ୟାରେଜର ଉପରି ଭାଗରେ ଶୋଲ୍‌ର ଅପସାରଣ" କାର୍ଯ୍ୟ ନିମନ୍ତେ 256.94 କୋଟି ଟଙ୍କାର ବୈଷୟିକ ମଞ୍ଜୁରୀ ପ୍ରଦାନ କରିଥିଲେ (ଫେବୃଆରୀ 2016) । ଏହି କାର୍ଯ୍ୟଟି ଏମ୍.ଓ.ୟୁ. ର ବ୍ୟବସ୍ଥା ସହିତ, 15 ପ୍ରତିଶତ ତତ୍ତ୍ୱାବଧାନ ଶୁଳ୍କ (38.93 କୋଟି ଟଙ୍କା) ଏବଂ 2.57 କୋଟି ଟଙ୍କାର ମଜୁରୀ କଲ୍ୟାଣ ଦେୟ (ଏକ ପ୍ରତିଶତ) ସହିତ 298.44 କୋଟି ଟଙ୍କାରେ ଓ.ସି.ସି.ଏଲ୍.କୁ ଆବଣ୍ଟିତ କରାଗଲା (ଜୁଲାଇ 2016) । କାର୍ଯ୍ୟ ସମାପ୍ତିର ସମୟ ଜାନୁଆରୀ 2019 ଭାବେ ଧାର୍ଯ୍ୟ ହୋଇଥିଲା । ଜୁଲାଇ 2017 ଠାରୁ ସମସ୍ତ କାର୍ଯ୍ୟ ଚୁକ୍ତିନାମାରେ ଜି.ଏସ୍.ଟି. ଲାଗୁ ହେବା ପରେ, ପୂର୍ତ୍ତ ବିଭାଗ ଏସ୍.ଓ.ଆର୍. ର ସଂଶୋଧନ କରିଥିଲେ ଯାହା ଦ୍ୱାରା ମୂଳ ଆକଳନର ମୂଲ୍ୟ 235.75 କୋଟି ଟଙ୍କାକୁ ପରିବର୍ତ୍ତିତ ହୋଇଥିଲା । ଓ.ସି.ସି.ଏଲ୍. ଆକଳନର ମୂଲ୍ୟ 323.12 କୋଟି ଟଙ୍କାକୁ ପରିବର୍ତ୍ତିତ କରିଥିଲେ ଯେଉଁଥିରେ ଜି.ଏସ୍.ଟି. 42.86 କୋଟି ଟଙ୍କା, ତତ୍ତ୍ୱାବଧାନ ଶୁଳ୍କ ବାବଦରେ 15 ପ୍ରତିଶତ ହାରରେ 42.15 କୋଟି ଟଙ୍କା ଏବଂ ଶ୍ରମିକ କଲ୍ୟାଣ ଶୁଳ୍କ ବାବଦରେ 2.36 କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା । ନଭେମ୍ବର 2020 ସୁଦ୍ଧା ଅଦ୍ୟାବଧି 271.31 କୋଟି ଟଙ୍କାର ଅର୍ଥବ୍ୟୟ ସହିତ କାର୍ଯ୍ୟଟି ଚାଲୁ ରହିଥିଲା ।

ସମୀକ୍ଷା ଯାଞ୍ଚରୁ ଜଣାଗଲା ଯେ, ଅର୍ଥ ବିଭାଗ ଆଦେଶର ବିରୋଧରେ, ସମ୍ପୃକ୍ତ ବିଭାଗ ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ ଉପରେ ତତ୍ତ୍ୱାବଧାନ ଖର୍ଚ୍ଚ ବାବଦରେ ସର୍ବାଧିକ 10 ପ୍ରତିଶତ ହାର (23.58 କୋଟି ଟଙ୍କା) ପରିବର୍ତ୍ତେ 15 ପ୍ରତିଶତ ହାରରେ 42.15 କୋଟି ଟଙ୍କା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ, ଯାହା ଯୋଗୁଁ 18.57 କୋଟି ଟଙ୍କାର ଅତିରିକ୍ତ ଅର୍ଥପ୍ରଦାନ କରିବାର ଦାୟିତ୍ୱ ପଡ଼ିଥିଲା । ଏଥି ମଧ୍ୟରୁ, ନିଗମକୁ ଏପର୍ଯ୍ୟନ୍ତ 4.28 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲି ଯାହା ନିଗମର ବିନିଯୋଗ ପ୍ରମାଣପତ୍ରରୁ ଜଣାପଡ଼ିଲା ।

ସମୀକ୍ଷା ଏହା ଦର୍ଶାଇବାରୁ (ସେପ୍ଟେମ୍ବର 2020) ସରକାର ଏହାର ତଥ୍ୟାତ୍ମକ ସତ୍ୟତାକୁ ସ୍ୱୀକାର କଲେ ଏବଂ ଅକ୍ଟୋବର 2020 ରେ ଜଣାଇଲେ ଯେ , ନିଗମକୁ ପ୍ରଦାନ କରାଯାଇଥିବା ଅତିରିକ୍ତ ଅର୍ଥ ରାଶି ପରବର୍ତ୍ତୀ ବିଲ୍ ଗୁଡ଼ିକ ପ୍ରଦାନ କରିବା ସମୟରେ ବ୍ୟବସ୍ଥିତ କରାଯିବ ।

## 3.4 ନିଷ୍ଫଳ ଅର୍ଥବ୍ୟୟ

ଜମିର ଉପଲବ୍ଧତା ସୁନିଶ୍ଚିତ କରା ନ ଯାଇ ନଦୀ ଆଡ଼ିବନ୍ଧର ଉନ୍ନତିକରଣ କାର୍ଯ୍ୟର ନିଷ୍ପାଦନ କରାଯିବାରୁ କାର୍ଯ୍ୟଟିକୁ ଅଧାରୁ ବନ୍ଦ କରିବାକୁ ପଡ଼ିଲା ଏବଂ ଏଥି ପାଇଁ 9.87 କୋଟି ଟଙ୍କାର ନିଷ୍ଫଳ ଅର୍ଥବ୍ୟୟ ହେଲା ।

ଓ.ପି.ଡବ୍ଲୁ.ଡି. ସଂହିତାର ଅନୁଚ୍ଛେଦ 3.7.4 ରେ ଦର୍ଶାଯାଇଛି ଯେ କୌଣସି ଜମି ଯାହା ଦାୟିତ୍ୱ ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ହସ୍ତାନ୍ତର କରାଯାଇ ନାହିଁ ସେଠାରେ କୌଣସି ନିର୍ମାଣ କାର୍ଯ୍ୟର ପ୍ରାରମ୍ଭ କରାଯିବା ଉଚିତ୍ ନୁହେଁ । ପୁନଶ୍ଚ, ଜାତୀୟ କୃଷି ଏବଂ ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ସହାୟତା ଅଧୀନସ୍ଥ ପ୍ରକଳ୍ପ ଗୁଡ଼ିକର ମଞ୍ଜୁରୀ ନିମନ୍ତେ, ସଂପୃକ୍ତ ବିଭାଗ ପ୍ରକଳ୍ପ ସଂପର୍କରେ ଏକ ବିସ୍ତୃତ ସର୍ବେକ୍ଷଣ କରିସାରିବା ପରେ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡ଼ି.ପି.ଆର.) ଦାଖଲ କରିବା ଉଚିତ୍ ।

ଯେହେତୁ ମହାନଦୀ ବାମ ପାର୍ଶ୍ୱରେ କାଳିପୁର ଠାରୁ ଓଡ଼ସିଂଘ ପର୍ଯ୍ୟନ୍ତ 8.50 କି.ମି. ଦୈର୍ଘ୍ୟରେ କୌଣସି ଆଡ଼ିବନ୍ଧ ନ ଥିଲା, ପ୍ରାୟତଃ ପ୍ରତି ବର୍ଷ ବନ୍ୟାରେ ବନ୍ୟାଜଳ ନିକଟ ବର୍ତ୍ତୀ ବାସ ଜମି ଏବଂ ଗ୍ରାମଗୁଡ଼ିକ ମଧ୍ୟକୁ ଝାପ ଭରିରେ ମାଡ଼ି ଆସୁଥିଲା । ଏହି ସମସ୍ତ ଗ୍ରାମ ଗୁଡ଼ିକୁ ମହାନଦୀ ଅବବାହିକାରେ ଆସୁଥିବା ବନ୍ୟା ଜଳରୁ ରକ୍ଷା କରିବା ପାଇଁ, ନାବାର୍ଡ ଏହି କାର୍ଯ୍ୟ ପାଇଁ ଋଣ ସହାୟତା ମଞ୍ଜୁର କରିଥିଲେ । ତଦନୁଯାୟୀ, ମୁଖ୍ୟ ଯନ୍ତ୍ରୀ, ବନ୍ୟା ନିୟନ୍ତ୍ରଣ ଏବଂ ବେସିନ୍ ପ୍ରବନ୍ଧକ, ନିମ୍ନ ମହାନଦୀ ବେସିନ୍, "କ୍ଷୟ ହୋଇଯାଇଥିବା ନଦୀ କୂଳର ସୁରକ୍ଷା ସହିତ କାଳିପୁର ଠାରୁ ଓଡ଼ସିଂଘ ପର୍ଯ୍ୟନ୍ତ ମହାନଦୀ ବାମ ଆଡ଼ିବନ୍ଧର ଉନ୍ନତିକରଣ" କାର୍ଯ୍ୟ ଲାଗି ଜୁଲାଇ 2015 ରେ 20.28 କୋଟି ଟଙ୍କା ଅଟକଳ ମୂଲ୍ୟର ବୈଷୟିକ ମଞ୍ଜୁରୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟ ଲାଗି ନଭେମ୍ବର 2016 ରେ 17.07 କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ଯାହା ନଭେମ୍ବର 2018 ସୁଦ୍ଧା ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ।

ଅଟକଳ ପ୍ରସ୍ତୁତି ସମୟରେ ଡିଭିଜନ ଅଧିକାରୀ ଏହା ଅନୁପ୍ରମାଣିତ କରିଥିଲେ ଯେ କାର୍ଯ୍ୟର ସମ୍ପାଦନ ନିମନ୍ତେ ସରକାରୀ ଜମି ଉପଲବ୍ଧ ଥିଲା ଏବଂ ଜମି ଅଧିଗ୍ରହଣର ଆବଶ୍ୟକତା ନ ଥିଲା । ଯାହାହେଉ, ତଥ୍ୟ କାଗଜ ଯାଞ୍ଚରୁ ଜଣାଗଲା ଯେ, ସରକାରୀ ଜମି ଉପଲବ୍ଧ ନ ଥିବାରୁ ଠିକାଦାର ଆର.ଡ଼ି. 3626 ମି. ଠାରୁ 5490 ମି. ଏବଂ 7270 ମି. ଠାରୁ 8100 ମି. ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦିତ କରି ପାରି ନ ଥିଲେ । ଏହା ବ୍ୟତୀତ, ଘରୋଇ ଜମି ମାଲିକ ମାନେ ମଧ୍ୟ ସେମାନଙ୍କ ନିଜ ଜମିରେ ଆଡ଼ି ବନ୍ଧ ନିର୍ମାଣର ବିରୋଧ କରୁଥିଲେ । ସେଥିପାଇଁ, 9.87 କୋଟି ଟଙ୍କାର କାର୍ଯ୍ୟ ନିଷ୍ପାଦନ ପରେ ଏହି ଚୁକ୍ତିନାମାକୁ ବନ୍ଦ କରିବା ନିମନ୍ତେ ରାଜ୍ୟ ସରକାର ଫେବୃଆରୀ 2019 ରେ ନିଷ୍ପତ୍ତି ନେଇଥିଲେ ଯେଉଁଥିରେ 2.69 କି.ମି. ର ଦୈର୍ଘ୍ୟ ନିଷ୍ପାଦିତ ହୋଇପାରି ନ ଥିଲା ।

ଯେହେତୁ ନିର୍ବାହୀ ଯନ୍ତ୍ରୀ ଡି.ପି.ଆର. ପ୍ରସ୍ତୁତି ସମୟରେ ଉପଯୁକ୍ତ ସର୍ବେକ୍ଷଣ ଦ୍ୱାରା ଜମିର ଉପଲବ୍ଧତା ସୁନିଶ୍ଚିତ କରିନଥିଲେ ଏବଂ ଡି.ପି.ଆର. ପ୍ରସ୍ତୁତି ସମୟରେ ଅଧିଗ୍ରହଣ ହେବାକୁ ଥିବା ଘରୋଇ ଜମିର ପରିମାଣ ଆକଳନ କରିବାରେ ବିଫଳ ହୋଇଥିଲେ, ତେଣୁ କାର୍ଯ୍ୟଟିକୁ ଅଧାରୁ ବନ୍ଦ କରିବାକୁ ପଡ଼ିଥିଲା ଏବଂ 9.87 କୋଟି ଟଙ୍କା ର ଅର୍ଥ ବ୍ୟୟ ସତ୍ତ୍ୱେ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକୁ ବନ୍ୟା ଜଳରୁ ରକ୍ଷା କରାଯିବା ସୁନିଶ୍ଚିତ କରାଯାଇ ପାରିଲା ନାହିଁ । ତେଣୁ, ଉକ୍ତ ଅର୍ଥବ୍ୟୟ ନିଷ୍ଫଳ ସାବ୍ୟସ୍ତ ହେଲା ।

ସମୀକ୍ଷା ଏହା ଦର୍ଶାଇବାରୁ, ସରକାର ଜଣାଇଲେ (ଜୁଲାଇ 2021) ଯେ, କାର୍ଯ୍ୟର ନିଷ୍ପାଦନ ସମୟରେ, ଜଙ୍ଗଲ ଏବଂ ପରିବେଶ ବିଭାଗ କାଳିପୁର ଠାରେ ଇକୋ-ପର୍ଯ୍ୟଟନ ରିଟ୍ରିଟ୍ ପ୍ରକଳ୍ପ ପ୍ରାରମ୍ଭ କଲେ, ଯାହା ଫଳରେ ଜମିର ଚାହିଦା

ଦ୍ରୁତ ଗତିରେ ବଢ଼ିବାରେ ଲାଗିଲା ଏବଂ ଲୋକେ ଅତିରିକ୍ତ କାର୍ଯ୍ୟ ଲାଗି କ୍ଷତି ପୂରଣ ଦାବୀ କରିବା ଆରମ୍ଭ କଲେ ଏବଂ ଏହାଦ୍ୱାରା ନିଜର ଜମି ନ ଛାଡ଼ିବା ସହିତ ଅସନ୍ତୋଷ ପ୍ରଦର୍ଶନ କଲେ।

ଏହି ଜମିଟି ଗ୍ରହଣୀୟ ନ ଥିବା ଯେହେତୁ ବିଭାଗୀୟ ଅଧିକାରୀ ଆଡ଼ିବନ୍ଧର ନିର୍ମାଣ ପୂର୍ବରୁ ଏହି ପ୍ରକଳ୍ପ ନିମନ୍ତେ କୌଣସି ଘରୋଇ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ ବୋଲି ମିଥ୍ୟା ଅନୁପ୍ରମାଣ ପ୍ରଦାନ କରିଥିଲେ, ତେଣୁ ସରକାର ଅଧିଗ୍ରହଣ ପ୍ରକ୍ରିୟା ନିମନ୍ତେ କୌଣସି ପଦକ୍ଷେପ ନେଇ ନ ଥିଲେ। କିନ୍ତୁ ପ୍ରକଳ୍ପର ନିଷ୍ପାଦନ ସମୟରେ ଯେତେବେଳେ ଘରୋଇ ଜମିରେ ଏହାର ନିର୍ମାଣ କରିବାକୁ ପଡ଼ିଲା, ଜମି ମାଲିକମାନେ ଏହି ପ୍ରକଳ୍ପର ବିରୋଧ କଲେ, ଯାହା ଫଳରେ ଏହି ପ୍ରକଳ୍ପକୁ ବନ୍ଦ କରିବାକୁ ପଡ଼ିଲା ଏବଂ କରାଯାଇଥିବା ଅର୍ଥ ବ୍ୟୟ ନିଷ୍ଫଳ ସାବ୍ୟସ୍ତ ହେଲା। ସେହି ଭାବରେ, ଉକ୍ତ ମିଥ୍ୟାରୋପଣ ପାଇଁ ଦୋଷୀ ଅଧିକାରୀ ମାନଙ୍କ ବିରୋଧରେ ଯଥା ଯଥ ଦାୟିତ୍ୱ ଆରୋପଣ କରାଯିବା ଉଚିତ୍।

## 3.5 ଅଟକଳର ମୂଲ୍ୟବୃଦ୍ଧି ହେତୁ ଠିକାଦାର ମାନଙ୍କୁ ଅନୁଚିତ୍ ଲାଭ ପ୍ରଦାନ

**10ଟି କାର୍ଯ୍ୟରେ ଆର୍ମୋରୀ ଶିଳା ବୋଲ୍ଡରର ଉତ୍ତୋଳନ ପାଇଁ ପ୍ରକୃତ ଆବଶ୍ୟକୀୟ 35 ଟନ୍ କ୍ଷମତା ବିଶିଷ୍ଟ କ୍ରେନ ପରିବର୍ତ୍ତେ 80 ଟନ୍‌ର ଉଚ୍ଚ କ୍ଷମତା ଯୁକ୍ତ କ୍ରେନ୍ ବ୍ୟବହାରର ବ୍ୟବସ୍ଥା କରାଯିବାକୁ ଅଟକଳର ମୂଲ୍ୟବୃଦ୍ଧି ହେବା ସହିତ ଠିକାଦାର ମାନଙ୍କୁ 7.72 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଲା।**

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓ.ପି.ଡବ୍ଲ୍ୟୁ.ଡି.) ର ଅନୁଚ୍ଛେଦ 3.4.10 ରେ ଦର୍ଶାଯାଇଛି ଯେ, ଦର ଅନୁସୂଚୀ (ଏସ.ଓ.ଆର.) ଏବଂ ଦର ବିଶ୍ଳେଷଣ (ଏ.ଓ.ଆର.) ଆଧାରରେ ତଥା ସବୁଠାରୁ ମିତବ୍ୟୟୀ ଉପାୟରେ ଅଟକଳ ପ୍ରସ୍ତୁତ କରାଯିବା ଉଚିତ୍। ଯଦି ସାମଗ୍ରୀ ଦର ଏସ.ଓ.ଆର./ ଏ.ଓ.ଆର. ରେ ଉପଲବ୍ଧ ନ ଥିବ, ତେବେ ବିଭାଗୀୟ ଅଧିକାରୀ ଏହା ସୁନିଶ୍ଚିତ କରିବେ ଯେ ବଜାର ଦର ଅନୁସାରେ ଅଟକଳ ପ୍ରସ୍ତୁତ କରାଯାଇଅଛି।

ଦୁଇଟି[26] ଜଳ ସେଚନ ବିଭାଗରେ, ନିର୍ବାହୀ ଯନ୍ତ୍ରୀ (ଇ.ଇ.) ମାନେ ନଦୀ କୂଳର ପୁନରୁଦ୍ଧାର ଏବଂ ସୁରକ୍ଷା ପାଇଁ 10 ଟି କାର୍ଯ୍ୟ ଲାଗି ଡିସେମ୍ବର 2016 ଏବଂ ଜୁଲାଇ 2018 ମଧ୍ୟରେ 85.16 କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ, ଯାହା ସେପ୍ଟେମ୍ବର 2017 ଏବଂ ଜାନୁଆରୀ 2020 ମଧ୍ୟରେ ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ମାର୍ଚ୍ଚ 2020 ସୁଦ୍ଧା 75.63 କୋଟି ଟଙ୍କା ପ୍ରଦାନ ସହିତ ଏହି କାର୍ଯ୍ୟ ଗୁଡ଼ିକ ଚାଲୁ ରହିଥିଲା। ଏହି କାର୍ଯ୍ୟ ଗୁଡ଼ିକରେ ଅନ୍ୟାନ୍ୟ ମଧ୍ୟରେ ଏକ ମେଟ୍ରିକ୍ ଟନ୍ ଠାରୁ କମ୍ ଓଜନଥିବା 3.24 ଲକ୍ଷ ଘନ ମିଟର ପରିମାଣର ଆର୍ମୋରୀ ଶିଳା ବୋଲ୍ଡରର ପରିବହନ ଏବଂ ପକାଇବା କାର୍ଯ୍ୟ ଶିପ୍-ଶାପ୍, ସର୍ ଏବଂ ଶହାଣୀ ସୁରକ୍ଷା କାର୍ଯ୍ୟରେ କରାଯିବାର ଥିଲା। ଉକ୍ତ ଆଇଟମ୍ ଗୁଡ଼ିକ ଏସ.ଓ.ଆର.ରେ ଅନ୍ତର୍ଭୁକ୍ତ ନ ଥିଲା।

ସମୀକ୍ଷା ଅବଲୋକନ କଲା ଯେ, 2.5 ମେଟ୍ରିକ୍ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଆର୍ମୋରୀ ଶିଳାର ପରିବହନ ଏବଂ ଲୁହେଇବା ପାଇଁ 35 ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍‌ର ଭଡ଼ାଦର ଅନୁସରଣ କରିବା ନିମନ୍ତେ ସର୍ବୋଚ୍ଚ ଯନ୍ତ୍ରୀ ସହିତ ବନ୍ୟାସୁରକ୍ଷା କମିଟିଙ୍କ ନିକଟରେ ଜୁଲାଇ 2018 ରେ ସୁପାରିଶ କରିଥିଲେ। ତେଣୁ, ଏ ପ୍ରକାର ଆଇଟମ୍‌ର ଦରରେ ପହଞ୍ଚିବା ପାଇଁ, ବିଭାଗୀୟ ଅଧିକାରୀ ମାନେ 35 ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍‌ର ଭଡ଼ା ଦର ଅନୁସରଣ କରିବା ଉଚିତ୍ ଥିଲା ଯେଉଁଥିରେ ପି.ଓ.ଏଲ୍., ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ଅଛେ।

ଏସ.ଓ.ଆର. 2014 ଅନୁଯାୟୀ ଆର୍ମୋରୀ ଶିଳାର ଲୋଡ଼ିଂ, ପରିବହନ ଏବଂ ଲୁହେଇବା ପାଇଁ 35 ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍ ପାଇଁ ଭଡ଼ା ଦର ଘଣ୍ଟା ପ୍ରତି 550 ଟଙ୍କା ଏବଂ 80-ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍ ପାଇଁ ଭଡ଼ା ଦର ଘଣ୍ଟା ପ୍ରତି 825 ଟଙ୍କା ଅଟେ ଯେଉଁଥିରେ ପି.ଓ.ଏଲ୍, ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ। କାର୍ଯ୍ୟଗୁଡ଼ିକର ଅଟକଳର ପରୀକ୍ଷାରୁ ଏହା ଜଣା ପଡ଼ିଲା ଯେ, ସମସ୍ତ 10 ଟି କାର୍ଯ୍ୟରେ ନିର୍ବାହୀ ଯନ୍ତ୍ରୀ ମାନେ ଏକ ମେଟ୍ରିକ୍ ଟନ୍‌ରୁ କମ୍ ଓଜନଥିବା ଆର୍ମୋରୀ ଶିଳାର ଲୋଡ଼ିଂ/ ରି-ହ୍ୟାଣ୍ଡଲିଂ ଏବଂ ଅନ୍ ଲୋଡ଼ିଂ ପାଇଁ ପି.ଓ.ଏଲ୍, ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦି ସମେତ ଘଣ୍ଟା ପ୍ରତି 550 ଟଙ୍କା ଭଡ଼ା ଦର ଧାର୍ଯ୍ୟ ଥିବା 35-ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍ ପରିବର୍ତ୍ତେ ଘଣ୍ଟା ପ୍ରତି 825 ଟଙ୍କା ଭଡ଼ା ଦର ଧାର୍ଯ୍ୟ ଥିବା 80-ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍‌ର ବ୍ୟବସ୍ଥା କରିବା ସହିତ ପି.ଓ.ଏଲ୍, ଡ୍ରାଇଭରଙ୍କ ଖାଇବା ଖର୍ଚ୍ଚ ଇତ୍ୟାଦିକୁ ଭଡ଼ା ଦର ସହିତ ଅତିରିକ୍ତ ଭାବେ ଯୋଗ କରିଥିଲେ। ତଦନୁଯାୟୀ, ସେହି 10

[26] ଜଗତସିଂହପୁର ଜଳସେଚନ ବିଭାଗ ଏବଂ ଆଳି ନଦୀବନ୍ଧ ବିଭାଗ

ଟି କାର୍ଯ୍ୟର ଅଟକଳରେ ଆଇଟମ ପାଇଁ ଘନ ମିଟର ପ୍ରତି 1,779.75 ଟଙ୍କା ରୁ 2,405.10 ଟଙ୍କା ମଧ୍ୟରେ ମୂଲ୍ୟ ସ୍ଥିର ହୋଇଥିଲା।

ଏକ ମେଟ୍ରିକ୍ ଟନ୍‌ରୁ କମ୍ ଓଜନ ଥିବା ଆର୍ମୋରୀ ଶିଳାର ଲୋଡ଼ିଂ, ପରିବହନ ଏବଂ ଅନ୍ ଲୋଡ଼ିଂ କାର୍ଯ୍ୟ ପାଇଁ ଘଣ୍ଟା ପ୍ରତି 550 ଟଙ୍କା ଭଡ଼ା ଦରରେ 35-ମେଟ୍ରିକ୍ ଟନ୍ କ୍ରେନ୍‌ର ବ୍ୟବହାର ଆଧାରରେ ସମୀକ୍ଷା ଆକଳନ କଲେ ଯେ ଘନ ମିଟର ପ୍ରତି ଗ୍ରାହ୍ୟ ଦର 1,566.44 ଟଙ୍କା ରୁ 2,021.13 ଟଙ୍କା ମଧ୍ୟରେ ହେବା ଉଚିତ୍। ଏହି ଭାବରେ ଆର୍ମୋରୀ ଶିଳାର ଲୋଡ଼ିଂ/ ଅନଲୋଡ଼ିଂ ନିମନ୍ତେ ଉଚ୍ଚତର କ୍ଷମତା ବିଶିଷ୍ଟ କ୍ରେନ୍‌ର ବ୍ୟବସ୍ଥା କରାଯିବାରୁ 10 ଟି କାର୍ଯ୍ୟର ଅଟକଳ ମୂଲ୍ୟରେ 7.72 କୋଟି ଟଙ୍କାର ବୃଦ୍ଧି ଘଟିଲା। ମାର୍ଚ୍ଚ 2020 ସୁଦ୍ଧା, ଠିକାଦାରମାନେ 3.24 ଲକ୍ଷ ଘନ ମିଟର ପରିମାଣର ଆର୍ମୋରୀ ଶିଳା କାର୍ଯ୍ୟ ନିଷ୍ପାଦନ କରିଥିଲେ ଏବଂ ତାଙ୍କୁ 6.99 କୋଟି ଟଙ୍କା ଅତିରିକ୍ତ ଭାବେ ପ୍ରଦାନ କରାଯାଇଥିଲା ଯାହା ପରିଶିଷ୍ଟ-11 ରେ ବିଶଦ୍ ଭାବରେ ଦର୍ଶାଯାଇଛି ଯାହା ଦ୍ୱାରା ଠିକାଦାର ମାନଙ୍କୁ ଅନୁଚିତ ଲାଭ ମିଳିଲା।

ସରକାର କହିଲେ (ସେପ୍ଟେମ୍ବର 2020) ଯେ, ବିଭିନ୍ନ ଉପକରଣ ଏବଂ ଯନ୍ତ୍ରପାତି ସମେତ ବିବିଧ ଡ଼ିଜାଇନ୍ ଏବଂ ଭୂମିର ଅବସ୍ଥିତି ଅନୁଯାୟୀ କାର୍ଯ୍ୟସ୍ଥଳୀର ବିଶେଷତା ଅନୁସାରେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କ୍ଷମତା ବିଶିଷ୍ଟ କ୍ରେନ୍‌ର ବ୍ୟବହାର ଆବଶ୍ୟକ ହୋଇପାରେ। ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା, ଯେହେତୁ ସମାନ ଧରଣର କାର୍ଯ୍ୟ ଲାଗି 2.5 ମେଟ୍ରିକ୍ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଆର୍ମୋରୀ ଶିଳା ବୋହିବା ଲାଗି ମଧ୍ୟ ସର୍ବୋଚ୍ଚ ଯଦି 35 ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କ୍ରେନ୍‌ର ଭଡ଼ାଦରକୁ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ, ଅଟକଳରେ ପି.ଓ.ଏଲ., ଡ୍ରାଇଭରଙ୍କ ଦରମା ଖର୍ଚ୍ଚ ଇତ୍ୟାଦିକୁ ଯୋଗ କରାଯାଇଥିଲା, ଯାହାକି କ୍ରେନ୍ ଭଡ଼ା ଦରରେ ଅନ୍ତର୍ଭୁକ୍ତ ଥିଲା, ଏବଂ ଏହାଯୋଗୁଁ ଅଟକଳର ମୂଲ୍ୟରେ ବୃଦ୍ଧି ଘଟିଲା।

## ପୂର୍ତ୍ତ ବିଭାଗ

### 3.6 ପକ୍କା ରାସ୍ତା ଚଟାଣର ଅତ୍ୟଧିକ ମୋଟେଇ କରାଯିବା ହେତୁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

ଭାରତୀୟ ସଡ଼କ କଂଗ୍ରେସ୍‌ରେ ବିହିତ ବିନିର୍ଦ୍ଦେଶ ଠାରୁ ଅଧିକ ଯାନ ନଷ୍ଟ ହେବା କାରକ ଅବଲମ୍ବନ କରାଯିବାରୁ ରାସ୍ତାର ମିଲିୟନ ଷ୍ଟାଣ୍ଡାର୍ଡ ଆକ୍ସିଲ୍ ମୂଲ୍ୟରେ ବୃଦ୍ଧି ହେଲା ଏବଂ ଏହାଦ୍ୱାରା 8.11 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ହେଲା।

ଓଡ଼ିଶା ଲୋକ ନିର୍ମାଣ ବିଭାଗ (ଓ.ପି.ଡବ୍ଲ୍ୟୁ.ଡି.) ସଂହିତାର ଧାରା 3.4.10 ରେ ଦର୍ଶାଯାଇଛି ଯେ ସବୁଠାରୁ ମିତବ୍ୟୟୀ ଉପାୟରେ ଅଟକଳ ପ୍ରସ୍ତୁତ କରାଯିବା ଉଚିତ୍। ଭାରତୀୟ ସଡ଼କ କଂଗ୍ରେସ (ଆଇ.ଆର.ସି.-37:2012) ରାସ୍ତାର ସବ୍ ଗ୍ରେଡ଼ କାଲିଫର୍ଣ୍ଣିଆ ବିଅରିଂ ଅନୁପାତ (ସି.ବି.ଆର.)[29] ରେ ପ୍ରକାଶ କରାଯାଇଥିବା ମାଟିର ଦୃଢ଼ତା ଏବଂ ରାସ୍ତାରେ ଯାତାୟତ କରୁଥିବା ଆକଳିତ ବାଣିଜ୍ୟିକ ଯାନର ସଂଖ୍ୟା ଆଧାରରେ ହିସାବ କରାଯାଇଥିବା ମିଲିୟନ୍ ଷ୍ଟାଣ୍ଡାର୍ଡ ଆକ୍ସିଲ୍ (ଏମ୍.ଏସ୍.ଏ.) ଅନୁସାରେ ରାସ୍ତା ଚଟାଣର ମୋଟେଇ ବିନିର୍ଦ୍ଦିଷ୍ଟ କରେ। ପ୍ରତ୍ୟାଶିତ ଟ୍ରାଫିକ୍ ଅନୁଯାୟୀ ରାସ୍ତାର ଯଥେଷ୍ଟ ଭାର ବହନ କ୍ଷମତା ସୁନିଶ୍ଚିତ କରାଯାଇ ରାସ୍ତା ଚଟାଣର ମୋଟେଇ ନିର୍ଦ୍ଧାରଣ କରାଯାଇଥାଏ। ଏହି ଭାବରେ, ଯଦି ଏମ୍.ଏସ୍.ଏ. ରେ ବୃଦ୍ଧି ଘଟେ, ତେବେ ରାସ୍ତା ଚଟାଣର ମୋଟେଇରେ ମଧ୍ୟ ବୃଦ୍ଧି ଘଟିବ। ଏମ୍.ଏସ୍.ଏ.ର ଆକଳନ, ଯାନ ନଷ୍ଟ ହେବା କାରକ (ଭି.ଡି.ଏଫ୍.) ଏବଂ ରାସ୍ତାରେ ପ୍ରତିଦିନ ଯାତାୟତ କରୁଥିବା ବାଣିଜ୍ୟିକ ଯାନର ସଂଖ୍ୟା (ସି.ଭି.ପି.ଡି.) ଉପରେ ନିର୍ଭର କରେ। ପାହାଡ଼ିଆ ଅଞ୍ଚଳରେ 150 ରୁ 1500 ଏବଂ ସମତଳ ଅଞ୍ଚଳରେ 0-150 ସି.ଭି.ପି.ଡି. ପାଇଁ ଭି.ଡି.ଏଫ୍. 1.5 ବୋଲି ଆଇ.ଆର.ସି. 37-2012 ର ଅନୁଚ୍ଛେଦ 4.4.6 ରେ ଦର୍ଶାଯାଇଛି।

[29] ସି.ବି.ଆର. ପରୀକ୍ଷା ହେଉଛି ଏକ ପ୍ରବେଶ ମାଟିରେ ପ୍ରବେଶ ହୋଇପାରୁଥିବା ପରୀକ୍ଷା ଯାହା ଦ୍ୱାରା ରାସ୍ତାର ସବ୍ ଗ୍ରେଡ୍ ଏବଂ ବେସ୍‌ର ସାମର୍ଥ୍ୟ ନିର୍ଣ୍ଣୟ କରାଯାଏ। ଭାରତ ସରକାର ଏବଂ ଏହାର ଏଜେନ୍ସିମାନଙ୍କ ଦ୍ୱାରା ସୃଷ୍ଟି ହୋଇ ମୋଟେଇ ନିର୍ଣ୍ଣୟ ପାଇଁ ଏହି ପରୀକ୍ଷଣର ଫଳାଫଳ ସୃଷ୍ଟିର ବକ୍ର ରେଖା ବ୍ୟବହୃତ ହୋଇଥାଏ। ଏହା ନମନୀୟ ରାସ୍ତା ଚଟାଣ ନକ୍ସା ପ୍ରସ୍ତୁତି ପାଇଁ ସର୍ବାଧିକ ଅନୁକୂଳ ଅଟେ।

ମୁଖ୍ୟ ଯନ୍ତ୍ରୀ (ଡି.ପି.ଆର. ଏବଂ ରାସ୍ତା) 44.07 କୋଟି ଟଙ୍କା ମୂଲ୍ୟ ବିଶିଷ୍ଟ ତିନି ଗୋଟି ରାସ୍ତା ପ୍ରକଳ୍ପ[38] ର ଅଟକଳକୁ ମଞ୍ଜୁରୀ ପ୍ରଦାନ କଲେ ଏବଂ ଏହି କାର୍ଯ୍ୟଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଜାନୁଆରୀ 2018 ରୁ ଜାନୁଆରୀ 2019 ମଧ୍ୟରେ ତିନି ଜଣ ଠିକାଦାରଙ୍କୁ 38.38 କୋଟି ଟଙ୍କା ମୂଲ୍ୟରେ ନ୍ୟସ୍ତ କଲେ ଯାହା ଜାନୁଆରୀ 2019 ରୁ ନଭେମ୍ବର 2019 ମଧ୍ୟରେ ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ମାର୍ଚ୍ଚ 2020 ସୁଦ୍ଧା ଏହି ସମସ୍ତ କାର୍ଯ୍ୟଗୁଡ଼ିକ ଚାଲୁ ରହିଥିଲା ଏବଂ ଠିକାଦାରମାନଙ୍କୁ 29.28 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା । ଏହି ସମସ୍ତ ରାସ୍ତା କାର୍ଯ୍ୟ ଲାଗି ଏମ୍.ଏସ୍.ଏ. ଦୁଇ ଏବଂ ସି.ବି.ଆର ଛଅ ରୁ ସାତ ମଧ୍ୟରେ ରହିଥିଲା ।

ରାସ୍ତା ଟପୋଗ୍ରାଫ ନକ୍ସା ହିସାବ ଯାଞ୍ଚ କଲେ ଜଣାଗଲା ଯେ, ତିନିଟି ରାସ୍ତା ମଧ୍ୟରୁ ଗୋଟିଏ ରାସ୍ତା ପାହାଡ଼ିଆ ଅଞ୍ଚଳ ଏବଂ ଅନ୍ୟ ଦୁଇଟି ରାସ୍ତା ସମତଳ ଅଞ୍ଚଳ ଦେଇ ଅତିକ୍ରମ କରୁଥିଲେ । ଡିସେମ୍ବର 2015 ଏବଂ ଜୁଲାଇ 2017 ମଧ୍ୟରେ ଅନୁଷ୍ଠିତ ହୋଇଥିବା ଟ୍ରାଫିକ୍ ସର୍ବେକ୍ଷଣରୁ ଜଣାପଡ଼ିଲା ଯେ ପାହାଡ଼ିଆ ଅଞ୍ଚଳ ଦେଇ ଗତି କରୁଥିବା ରାସ୍ତାଟିର ସି.ଭି.ପି.ଡି. 204 ଥିଲା ଏବଂ ସମତଳ ଅଞ୍ଚଳ ଦେଇ ଗତି କରୁଥିବା ଅନ୍ୟ ଦୁଇଟି ରାସ୍ତାର ସି.ଭି.ପି.ଡି. 89 ଏବଂ 115 ମଧ୍ୟରେ ଥିଲା । ଆଇ.ଆର.ସି.-37:2012 ଅନୁଯାୟୀ, ଏହି ସମସ୍ତ ପ୍ରକଳ୍ପ ନିମନ୍ତେ ଭି.ଡି.ଏଫ୍. ମୂଲ୍ୟ 1.5 ହେବା ଉଚିତ୍ । କିନ୍ତୁ, ସଂପୃକ୍ତ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ (ଇ.ଇ.) ଭି.ଡି.ଏଫ୍. କୁ 3.5 ହିସାବରେ ଅନୁସରଣ କରିଥିଲେ । ଅଧିକ ମୂଲ୍ୟର ଭି.ଡି.ଏଫ୍. ଅନୁସରଣ କରାଯିବାରୁ, ଏହି ସବୁ ରାସ୍ତାର ପ୍ରକୃତ ଏମ୍.ଏସ୍.ଏ. ଏକ ପରିବର୍ତ୍ତେ ଦୁଇ ହିସାବରେ ନିଆଯାଇଥିଲା । ଏହି ଭାବରେ, ନିର୍ବାହୀ ଯନ୍ତ୍ରୀ ମାନେ ସମସ୍ତ ତିନି ଗୋଟି ରାସ୍ତା ତଳାଣର ନକ୍ସା ପରିକଳ୍ପନା ବେଳେ 60 ମି.ମି. ରୁ 205 ମି.ମି. ପର୍ଯ୍ୟନ୍ତ ଅତିରିକ୍ତ ମୋଟେଇ ଅନୁସରଣ କରିଥିଲେ ଯାହା ଫଳରେ 0.21 ଲକ୍ଷ ଘନ ମିଟରର ଅପ୍ରୟୋଜନୀୟ ଅତ୍ୟଧିକ ରାସ୍ତା ତଳାଣ ସ୍ତର ଯଥା- ଗ୍ରାନୁଲାର ସବ୍ ବେସ୍, ୱେଟ୍ ମିକ୍ସ ମାକାଡ଼ାମ୍, ବିଟୁମିନସ୍ ମାକାଡ଼ାମ୍ ଏବଂ ମଧ୍ୟମ ଘନ ବିଟୁମିନସ୍ କଂକ୍ରିଟ୍ ଇତ୍ୟାଦି ରାସ୍ତା ପୃଷ୍ଠ ଭାଗରେ ବ୍ୟବହୃତ ହୋଇଥିଲା । ଏହା ଫଳରେ 8.11 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହେଲା, ଯାହାର ବିସ୍ତୃତ ବିବରଣୀ ପରିଶିଷ୍ଟ- 12 ରେ ସଂଲଗ୍ନ କରାଯାଇଛି ।

ସମୀକ୍ଷା ଦ୍ୱାରା ଏହା ଦର୍ଶାଇବାରୁ, ସରକାର ଜଣାଇଲେ (ଅଗଷ୍ଟ 2020) ଯେ ଶଙ୍କରଖୋଲ-ବାର୍ଣ୍ଣିହର-ପତ୍ରିପିଆ-ମଣ୍ଡାକିଆ ରାସ୍ତାର କିଛି ଅଂଶ ପାହାଡ଼ିଆ ଅଞ୍ଚଳ ଏବଂ କିଛି ଅଂଶ ସମତଳ ଅଞ୍ଚଳ ଦେଇ ଗତି କରେ, ତଦନୁଯାୟୀ ଏମ୍.ଏସ୍.ଏ. ନିର୍ଦ୍ଧାରିତ ହୋଇଥିଲା । ଅନ୍ୟ ଦୁଇଟି ରାସ୍ତା କାର୍ଯ୍ୟ ସମ୍ବନ୍ଧରେ, ଏହା କୁହା ଯାଇଥିଲା ଯେ ଜାତୀୟ ରାଜପଥ ସହିତ ସଂଯୁକ୍ତ ଥିବା ଏହି ଦୁଇଟି ରାସ୍ତା ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ଏହି ରାସ୍ତା ଗୁଡ଼ିକର ଏମ୍.ଏସ୍.ଏ. କୁ ଦୁଇ ଭାବେ ଗଣନା କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା ଯେହେତୁ ନିର୍ବାହୀ ଯନ୍ତ୍ରୀ ଅଟକଳର ପାଞ୍ଚ ତାଲିକାରେ ବିସ୍ତୃତ ସର୍ବେକ୍ଷଣ ଏବଂ ଅନୁସନ୍ଧାନ କରାଯିବା ପରେ ଏହି ରାସ୍ତାଗୁଡ଼ିକୁ ପାହାଡ଼ିଆ ଅଞ୍ଚଳ ହିସାବରେ ଦର୍ଶାଇଥିଲେ । ଏହାବ୍ୟତୀତ, ରାସ୍ତାଟି ସମତଳ ଅଞ୍ଚଳ/ ପାହାଡ଼ିଆ ଅଞ୍ଚଳ ଦେଇ ଗତି କରୁଥିବା ଇତିହାସ ଦର୍ଶାଉଥିବା କୌଣସି ସମର୍ଥିତ ଦସ୍ତାବିଜ୍ ଯଥା ସମ୍ପୃକ୍ତ ପରିବାହନ ତଥ୍ୟ ଦାଖଲ କରାଯାଇନଥିଲା । ଏହାବ୍ୟତୀତ, ସି.ଭି.ପି.ଡି.କୁ ବିଚାରକୁ ନେଇ ଆଗାମୀ 15 ବର୍ଷ ପାଇଁ ଆକଳିତ ଟ୍ରାଫିକ୍ର ବୃଦ୍ଧିକୁ ଦୃଷ୍ଟିରେ ରଖି ଯେହେତୁ ଏମ୍.ଏସ୍.ଏ. ମୂଲ୍ୟ ନିର୍ଦ୍ଧାରିତ ହୋଇଥିଲା, ତେଣୁ ଉଚ୍ଚତର ମୂଲ୍ୟ ବିଶିଷ୍ଟ ଭି.ଡି.ଏଫ୍. ଗ୍ରହଣ କରିବାର କୌଣସି ଆବଶ୍ୟକତା ନ ଥିଲା ଏବଂ ଏହି ଭାବରେ 8.11 କୋଟି ଟଙ୍କାର ପରିହାର୍ଯ୍ୟ ଅର୍ଥ ବ୍ୟୟ କରିବା ସରକାରୀ ରାଜକୋଷ ଉପରେ ଅତିରିକ୍ତ ବୋଝ ସାବ୍ୟସ୍ତ ହେଲା ।

## 3.7 ବ୍ୟର୍ଥ ଅର୍ଥବ୍ୟୟ

**ଜାତୀୟ ରାଜପଥ ମାର୍ଗ ବର୍ଣ୍ଣିକାର ବିରୋଧରେ ଟୋଲ ପ୍ଲାଜାର ନିର୍ମାଣ ସ୍ଥଳୀ ଚୟନ କରାଯିବାରୁ 2.98 କୋଟି ଟଙ୍କାର ବ୍ୟର୍ଥ ଅର୍ଥବ୍ୟୟ ସହିତ ସମ୍ଭାବ୍ୟ ବାର୍ଷିକ ଆଦାୟ କ୍ଷମତା ବାବଦରେ 0.99 କୋଟି ଟଙ୍କାର ପୌନଃପୁନିକ କ୍ଷତି ହେଲା ।**

ଜାତୀୟ ରାଜପଥ (ଏନ୍.ଏଚ୍.) ଫି (ଦର ନିର୍ଦ୍ଧାରଣ ଏବଂ ଆଦାୟ) ନିୟମାବଳୀ 2008 ର ଅନୁଚ୍ଛେଦ 8 (1) ରେ ଦର୍ଶାଯାଇଛି ଯେ କାର୍ଯ୍ୟ ନିର୍ବାହୀ ସଂସ୍ଥା ଦ୍ୱାରା କୌଣସି ରେକର୍ଡ଼୍ ଯୁକ୍ତ କାରଣ ବ୍ୟତୀତ ସାଧାରଣ ଭାବେ

[38] (i) 20/000 ରୁ 29/700 କି.ମି. ପର୍ଯ୍ୟନ୍ତ ଶଙ୍କରଖୋଲ-ବାର୍ଣ୍ଣିହର-ପତ୍ରିପିଆ-ମଣ୍ଡାକିଆ ରୋଡ୍ ର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ, (ii) ଏନ୍.ଏଚ୍. 0/0 ରୁ 19 କି.ମି. ପର୍ଯ୍ୟନ୍ତ ... ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଏବଂ (iii) 0/0 ରୁ 15/820 କି.ମି. ... ରୋଡ୍ ର ସୁଦୃଢ଼ୀକରଣ

ପୌରାଞ୍ଚଳ କିମ୍ବା ସ୍ଥାନୀୟ ସହରାଞ୍ଚଳ ସୀମା ଠାରୁ 10 କିଲୋମିଟରରୁ ଅଧିକ ଦୂରତା ବ୍ୟବଧାନରେ ଟୋଲ୍/ ଦେୟ ପ୍ଲାଜାର ନିର୍ମାଣ କରାଯାଇ ପାରେ । କିନ୍ତୁ କୌଣସି ପରିସ୍ଥିତିରେ, ଟୋଲ୍/ ଦେୟ ପ୍ଲାଜାର ନିର୍ମାଣ ପୌରାଞ୍ଚଳ କିମ୍ବା ସ୍ଥାନୀୟ ସହରାଞ୍ଚଳ ସୀମାଠାରୁ ପାଞ୍ଚ କିଲୋ ମିଟରରୁ କମ୍ ବ୍ୟବଧାନରେ ହେବା ଅନୁଚିତ୍ । ପୁନଶ୍ଚ ଏହା ଦର୍ଶାଯାଇଛି ଯେ ଜାତୀୟ ରାଜପଥର କୌଣସି ଅଂଶ, ସ୍ଥାୟୀ ପୋଲ, ବାଇ ପାସ୍ କିମ୍ବା ଟନେଲ୍ ଇତ୍ୟାଦିର ନିର୍ମାଣ ପୌରାଞ୍ଚଳ କିମ୍ବା ସ୍ଥାନୀୟ ସହରାଞ୍ଚଳ ସୀମା ଠାରୁ ପାଞ୍ଚ କିଲୋ ମିଟର ମଧ୍ୟରେ ପ୍ରାଥମିକ ଭାବେ ପୌରାଞ୍ଚଳ କିମ୍ବା ସହରାଞ୍ଚଳ ବାସିନ୍ଦାଙ୍କ ବ୍ୟବହାର ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥାଏ, ସେହି ଉଦ୍ଦେଶ୍ୟରେ ପୌରାଞ୍ଚଳ କିମ୍ବା ସହରାଞ୍ଚଳ ସୀମା ମଧ୍ୟରେ ଅଥବା ସୀମା ଠାରୁ ପାଞ୍ଚ କିଲୋମିଟର ଦୂରତା ମଧ୍ୟରେ ଟୋଲ୍ ପ୍ଲାଜାର ନିର୍ମାଣ କରାଯାଇପାରେ ।

ଓଡ଼ିଶା ରାଜ୍ୟରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ (ମୋର୍ଥ), ଭାରତ ସରକାର (ଭି.ଓ.ଆଇ.) ଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ରାଜ୍ୟ ସରକାର (ମୁଖ୍ୟ ଯନ୍ତ୍ରୀ, ଜାତୀୟ ରାଜପଥ)ଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥାଏ । ଏହି ସବୁ କାର୍ଯ୍ୟର ଆକଳନ ରାଜ୍ୟ ଦର ସୂଚୀ ଏବଂ ମୋର୍ଥ ତଥ୍ୟ ପୁସ୍ତିକାକୁ ଅନୁସରଣ କରି ପ୍ରସ୍ତୁତ କରାଯାଇଥାଏ । ରାଜ୍ୟ ପ୍ରାଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବା ପରେ ଏହି ସବୁ କାର୍ଯ୍ୟର ନିର୍ମାଣ ଦେୟ ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ।



ବିଦ୍ୟମାନ ଥିବା ଜାତୀୟ ରାଜପଥ-59 ର ଆର.ଡି. 256.880 ଠାରୁ ଆର.ଡି. 296.515 କି.ମି. ପର୍ଯ୍ୟନ୍ତ ଏକ/ଦୁଇ ଲେନ୍ ବିଶିଷ୍ଟ ରାସ୍ତା (ପୂର୍ବରୁ ଜାତୀୟ ରାଜପଥ-217 ର ଆର.ଡି. 400 କି.ମି. ରୁ 439.635 କି.ମି. ଗଞ୍ଜାମ ଜିଲ୍ଲାର ଟିକରପଡ଼ା ଠାରୁ ମୁଣ୍ଡମାରେଇ ପର୍ଯ୍ୟନ୍ତ) ର ପେଭଡ଼୍ ସୋଲ୍ଡର ସହିତ ପ୍ରଶସ୍ତିକରଣ ନିମନ୍ତେ, ଅଧୀକ୍ଷଣ ଯନ୍ତ୍ରୀ (ଏସ୍.ଇ.) ମୋର୍ଥ 132.47 କୋଟି ଟଙ୍କା ମୂଲ୍ୟର ଆକଳନ ମଞ୍ଜୁର କରିଥିଲେ (ମାର୍ଚ୍ଚ 2014) । ଏହି ଆକଳନରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଖାସାରେ (ଆର.ଡି. 272/600 କି.ମି. ଠାରେ) 3.27 କୋଟି ଟଙ୍କା ମୂଲ୍ୟ ବିଶିଷ୍ଟ ଏକ ଟୋଲ୍ ପ୍ଲାଜା ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା ହୋଇଥିଲା । ଟୋଲ୍ ପ୍ଲାଜା ଭିତ୍ତିଭୂମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ଦାଖଲ କରିବା ସମୟରେ, ପ୍ରକଳ୍ପ ନିର୍ଦ୍ଦେଶକ ଟ୍ରାଫିକ୍ ତଥ୍ୟ ଆଧାରରେ ବାର୍ଷିକ ଆଦାୟ କ୍ଷମତା (ଏ.ସି.ସି.) 99.10 ଲକ୍ଷ ଟଙ୍କା ଭାବେ ଆକଳନ କରିଥିଲେ ।

ଏହି କାର୍ଯ୍ୟ ଲାଗି 120.55 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟାଦେଶ ପ୍ରଦାନ କରାଗଲା (ସେପ୍ଟେମ୍ବର 2014) ଯାହା ଏପ୍ରିଲ୍ 2016 ସୁଦ୍ଧା ସମ୍ପନ୍ନ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ଏହି କାର୍ଯ୍ୟଟି ବାସ୍ତବରେ ଦୁଇ ବର୍ଷ ପରେ ଅଗଷ୍ଟ 2018 ରେ ସମ୍ପନ୍ନ ହୋଇଥିଲା କିନ୍ତୁ ଟୋଲ୍ ପ୍ଲାଜାର ନିର୍ମାଣ ସେପ୍ଟେମ୍ବର 2017 ରେ ସମାପ୍ତ ହୋଇ ସାରିଥିଲା । ଠିକାଦାରଙ୍କୁ 123.30 କୋଟି ଟଙ୍କା ପ୍ରଦାନ କରା ଯାଇଥିଲା, ସେଥି ମଧ୍ୟରେ ଟୋଲ୍ ପ୍ଲାଜାର ନିର୍ମାଣ ପାଇଁ 2.98 କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା ।

ସମୀକ୍ଷାକୁ ପ୍ରାପ୍ତ ହୋଇଥିବା ରେକର୍ଡ଼ ନମୁନା ଯାଞ୍ଚରୁ ଜଣାଗଲା ଯେ, ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ଓଡ଼ିଶା ସରକାର ଟୋଲ୍ ପ୍ଲାଜାର ନିର୍ମାଣ ପାଇଁ ସ୍ଥାନର ଚୟନ କରିଥିଲେ ଏବଂ ଖାସାର ଆର.ଡି. 272/600 କି.ମି. ଠାରେ ଏହାର ନିର୍ମାଣ କରିଥିଲେ ଯାହାକି କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ (ସହରାଞ୍ଚଳ) ଠାରୁ ମାତ୍ର 2.5 କି.ମି. ଦୂରରେ ଅବସ୍ଥିତ ଥିଲା ଏବଂ ଏହା ଜାତୀୟ ରାଜପଥ ମାର୍ଗଦର୍ଶିକାର ଉଲ୍ଲଂଘନ କରୁଥିଲା । ଯେହେତୁ ଟୋଲ୍ ପ୍ଲାଜାଟି ସହରାଞ୍ଚଳର ନିକଟରେ ଅବସ୍ଥିତ ଥିଲା, ଅଦ୍ୟାବଧି (ମାର୍ଚ୍ଚ 2020) ମୋର୍ଥ ଙ୍କ ଦ୍ୱାରା କୌଣସି ଦେୟ ଆଦାୟ କରାଯାଇ ପାରିନଥିଲା । ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ଓଡ଼ିଶା ସରକାର ଏହି ବିଷୟରେ ମୋର୍ଥକୁ ଅବଗତ କରେଇ (ଅଗଷ୍ଟ 2018) ଏବଂ ଟୋଲ୍ ପ୍ଲାଜାର ପୁନଃସ୍ଥାପନ ନିମନ୍ତେ ଅନୁରୋଧ କରିଥିଲେ କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ।

ଏହି ଭାବରେ, ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ଓଡ଼ିଶା ଉକ୍ତ ନିୟମକୁ ଅନୁସରଣ ନ କରି ଟୋଲ ପ୍ଲାଜାର ନିର୍ମାଣ ସ୍ଥାନ ଚୟନ କଲେ ଏବଂ ମୋର୍ଥକୁ ସୁପାରିଶ କଲେ, ଫଳ ସ୍ୱରୂପ ନିର୍ମାଣ ହୋଇଥିବା ଟୋଲ୍ ପ୍ଲାଜାରୁ ଦେୟ ଆଦାୟର ମୂଳ ଉଦ୍ଦେଶ୍ୟ ବିଫଳ ହେବା ସହିତ 2.89 କୋଟି ଟଙ୍କାର ସମୁଦାୟ ଅର୍ଥ ବ୍ୟୟ ବ୍ୟର୍ଥ ସାବ୍ୟସ୍ତ ହେଲା । ଏହା ବ୍ୟତୀତ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆକଳନ ଅନୁଯାୟୀ ବାର୍ଷିକ ଆଦାୟ କ୍ଷମତା ଆଧାରରେ ପ୍ରତି ବର୍ଷ 99.10 ଲକ୍ଷ ଟଙ୍କା ହାରରେ ସେପ୍ଟେମ୍ବର 2018 ଠାରୁ ଜୁଲାଇ 2021 ପର୍ଯ୍ୟନ୍ତ 2.89 କୋଟି ଟଙ୍କାର ଆର୍ଥିକ କ୍ଷତି ହେଲା ।

ସମୀକ୍ଷା ଏହା ଦର୍ଶାଇବାରୁ, ରାଜ୍ୟ ସରକାର ଏହାର ତଥ୍ୟାତ୍ମକ ସତ୍ୟତାକୁ ସ୍ୱୀକାର କରି ଜଣାଇଲେ (ଜୁଲାଇ 2021) ଯେ ଉପଲବ୍ଧ ଥିବା ଜମିରେ ହିଁ ଟୋଲ୍ ପ୍ଲାଜାର ନିର୍ମାଣ ସ୍ଥାନର ଚୟନ କରାଯାଇଥିଲା । ଟୋଲ୍ ଫାଟକର ନିର୍ମାଣର ସମାପ୍ତି ପରେ ସ୍ଥାନୀୟ ସହରାଞ୍ଚଳ ସଂସ୍ଥା ଠାରୁ 5 କି.ମି. କିମ୍ବା 10 କି.ମି. ଦୂରତ୍ୱ ର ପ୍ରତିବନ୍ଧକ ସମ୍ବନ୍ଧରେ ମୋର୍ଥ ଆପତ୍ତି ଉଠାଇଥିଲେ । ତେଣୁ ଫେବୃଆରୀ 2018 ରେ ରାସ୍ତାର 283.400 କି.ମି. ଠାରେ ଟୋଲ୍ ପ୍ଲାଜାର ପୁନଃସ୍ଥାପନ ପାଇଁ ମୋର୍ଥକୁ ପ୍ରସ୍ତାବ ଦିଆଯାଇଥିଲା ଯାହାକି ନିକଟବର୍ତ୍ତୀ ସହର ଠାରୁ 10 କି.ମି. ରୁ ଉର୍ଦ୍ଧ୍ୱ ଦୂରତ୍ୱରେ ଅବସ୍ଥିତ । ତେବେବି, ଟୋଲ୍ ପ୍ଲାଜାର ନିର୍ମାଣ ପାଇଁ ସରକାରୀ ଜମି ଉପଲବ୍ଧ ନ ଥିଲା ଏବଂ ସେହି ସ୍ଥାନରେ ଜମି ଅଧିଗ୍ରହଣ ଆବଶ୍ୟକ ହେବ । ଏହି ଉତ୍ତରଟି ଗ୍ରହଣୀୟ ନ ଥିଲା, ଯେହେତୁ ମୁଖ୍ୟ ଯନ୍ତ୍ରୀ, ଜାତୀୟ ରାଜପଥ, ପି.ଡବ୍ଲ୍ୟୁ.ଡି., ଓଡ଼ିଶା ଜାତୀୟ ରାଜପଥ (ଦେୟ ନିର୍ଦ୍ଧାରଣ ଏବଂ ଆଦାୟ) ନିୟମାବଳୀ 2008 ର ବ୍ୟବସ୍ଥା ବିରୋଧରେ ଟୋଲ୍ ପ୍ଲାଜା ନିର୍ମାଣସ୍ଥାନର ଚୟନ କରିଥିଲେ, ଯାହା ଯୋଗୁଁ ଅବ୍ୟବହୃତ ଟୋଲ୍ ପ୍ଲାଜା ପାଇଁ 2.98 କୋଟି ଟଙ୍କାର ବ୍ୟର୍ଥ ଅର୍ଥ ବ୍ୟୟ ସହିତ, ବାର୍ଷିକ ଆଦାୟ କ୍ଷମତା ଆଧାରରେ ପ୍ରତି ବର୍ଷ 99 ଲକ୍ଷ ଟଙ୍କା ହାରରେ ଆର୍ଥିକ କ୍ଷତି ହେଲା ।

## 3.8 ସବ୍-ବେସ୍ ରେ ଧାତୁମଳ ପରିବର୍ତ୍ତେ ଜି.ଏସ୍.ବି. ସାମଗ୍ରୀର ଉପଯୋଗ ହେତୁ ଅତିରିକ୍ତ ଅର୍ଥ ବ୍ୟୟ

ସ୍ୱଳ୍ପ ମୂଲ୍ୟ ବିଶିଷ୍ଟ ଧାତୁମଳ ଉପଲବ୍ଧ ଥିବା ସତ୍ତ୍ୱେ ରାସ୍ତା ଚଟାଣ ନିର୍ମାଣ କାର୍ଯ୍ୟରେ ଉଚ୍ଚ ମୂଲ୍ୟ ବିଶିଷ୍ଟ ସବ୍-ବେସ୍ ସାମଗ୍ରୀ ଉପଯୋଗ କରାଯିବାରୁ **2.12** କୋଟି ଟଙ୍କାର ଅତିରିକ୍ତ ଅର୍ଥବ୍ୟୟ ହେଲା ।

ଓ.ପି.ଡବ୍ଲ୍ୟୁ.ଡି. ସଂହିତା ର ଧାରା 3.4.10 ରେ ଦର୍ଶାଯାଇଛି ଯେ ସବୁଠାରୁ ମିତବ୍ୟୟୀ ଉପାୟରେ ଆକଳନ ପ୍ରସ୍ତୁତ କରାଯିବା ଉଚିତ୍ । ଆଇ.ଆର.ସି.:37-2012 ର ଅନୁଚ୍ଛେଦ 7.2.1.1 ରେ ଦର୍ଶାଯାଇଛି ଯେ ପ୍ରାକୃତିକ ବାଲି, ମୋରମ୍, ଗଡ଼ୁଣି, ମାଟିଆପଥର, କଙ୍କର, ଇଟା, ପ୍ରସ୍ତର ଚୂର୍ଣ୍ଣ, ଧାତୁମଳ ଚୂର୍ଣ୍ଣ ଏବଂ କଂକ୍ରିଟ ଅବଶେଷାଂଶ ଚୂର୍ଣ୍ଣ / ଆସଫାଲ୍ଟ ଚଟାଣ ଅବଶେଷାଂଶ କିମ୍ବା ଏସବୁର ମିଶ୍ରଣ କୁ ପ୍ରସ୍ତାବିତ ଗ୍ରେଡିଂ ଏବଂ ଭୌତିକ ଆବଶ୍ୟକତା ଅନୁସାରେ ସବ୍-ବେସ୍ ସାମଗ୍ରୀରେ ଅନ୍ତର୍ଭୁକ୍ତ କରାଯାଇପାରେ ।

ନିର୍ବାହୀ ଯନ୍ତ୍ରୀ, ରାଉରକେଲା (ରାସ୍ତା ଏବଂ କୋଠାବାଡ଼ି) ବିଭାଜନ ଡିସେମ୍ବର 2016 ରୁ ଫେବୃଆରୀ 2019 ମଧ୍ୟରେ 20 କୋଟି ଟଙ୍କା ମୂଲ୍ୟ ବିଶିଷ୍ଟ ତିନୋଟି ରାସ୍ତା ପ୍ରକଳ୍ପ[31] କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ଯାହା ସେପ୍ଟେମ୍ବର 2017 ରୁ ଫେବୃଆରୀ 2020 ମଧ୍ୟରେ ସମ୍ପନ୍ନ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ମାର୍ଚ୍ଚ 2020 ସୁଦ୍ଧା ଏହି କାର୍ଯ୍ୟ ଗୁଡ଼ିକ ଚାଲୁ ରହିଥିଲା ଏବଂ ଠିକାଦାର ମାନଙ୍କୁ 11.76 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା । ଏହି ସମୁଦାୟ ପ୍ରଦତ୍ତ ଅର୍ଥ ମଧ୍ୟରେ, ସମସ୍ତ ରାସ୍ତାର ସବ୍-ବେସ୍ କାର୍ଯ୍ୟରେ 19,376 ଘନ ମିଟର ଗ୍ରାନୁଲାର ସବ୍ ବେସ୍ ସାମଗ୍ରୀ (ଜି.ଏସ୍.ବି.) ର ବ୍ୟବହାର ପାଇଁ 3.79 କୋଟି ଟଙ୍କାର ପ୍ରଦାନ ଅନ୍ତର୍ଭୁକ୍ତ ।

ଏହି ତିନୋଟି କାର୍ଯ୍ୟର ଆକଳନ, ଦର ବିଶ୍ଳେଷଣ ଏବଂ ଚାଲୁ ରହିଥିବା ହିସାବ (ଆର.ଏ.) ବିଲ୍‌ର ଯାଞ୍ଚରୁ ଏହା ଜଣାଗଲା ଯେ ଜି.ଏସ୍.ବି. (ପ୍ରସ୍ତର ଜାତ ଦ୍ରବ୍ୟ) ନିମନ୍ତେ 15 କି.ମି. ରୁ 107 କି.ମି. ଦୂରତ୍ୱକୁ ପରିବହନ କରାଯାଇ ଆକଳନ ପ୍ରସ୍ତୁତ କରାଯାଇଥିଲା ଏବଂ ଏଥିପାଇଁ ଘନ ମିଟର ପ୍ରତି 1,404.35 ଟଙ୍କା ରୁ 2,229.09 ଟଙ୍କା ହାରରେ ଅର୍ଥ ପ୍ରଦାନ କରାଯାଇଥିଲା ।

[31] *(i)* [illegible] *(ii)* [illegible]-10 ଠାରୁ [illegible] ଆର.ଡି. 0/0 ଠାରୁ 2 କି.ମି. [illegible] ଏବଂ *(iii)* ରାଜ୍ୟ ରାଜପଥ-10 A ଠାରୁ [illegible] 0/0 ଠାରୁ 1/600 କି.ମି. ରାସ୍ତାର ଉନ୍ନତିକରଣ

ଧାତୁମଳ ଏକ କାଚ ଭଳି ଉପଜାତ ପଦାର୍ଥ ଯାହା ଅଶୁଦ୍ଧ ଧାତୁ ପିଣ୍ଡରୁ ତରଳାଯାଇ ଧାତୁର ନିଷ୍କାସନ ପରେ ରହିଯାଇଥିବା ଅବଶେଷାଂଶ । ପୂର୍ବରୁ ସମୀକ୍ଷା ଦ୍ୱାରା ଏହା ଅବଲୋକନ କରାଯାଇଥିଲା ଯେ ରାଉରକେଲା ଇସ୍ପାତ କାରଖାନାଠାରେ ଧାତୁମଳ ବିନା ମୂଲ୍ୟରେ ଉପଲବ୍ଧ ହେଉଥିବା ଏବଂ ନିର୍ବାହୀ ଯନ୍ତ୍ରୀ, ରାଉରକେଲା (ରାସ୍ତା ଏବଂ କୋଠାବାଡ଼ି) ବିଭାଜନ, ଅତୀତରେ ଉକ୍ତ ଧାତୁମଳକୁ ଅନ୍ତର୍ଭୁକ୍ତ କରି ସମାନ ଧରଣର କାର୍ଯ୍ୟରେ ଏହାର ଉପଯୋଗ କରିଥିଲେ । ଧାତୁମଳ ନିମନ୍ତେ ଲିଡ୍ ଦୂରତ୍ୱକୁ ପାଞ୍ଚରୁ ୨୬ କି.ମି. ପର୍ଯ୍ୟନ୍ତ ନିଆଯାଇଥିଲା । ଉକ୍ତ ବିଶ୍ଳେଷଣ ଅନୁଯାୟୀ ସବ୍-ବେସ୍ କାର୍ଯ୍ୟରେ ଧାତୁମଳ ଉପଯୋଗ କଲାଗଲେ, ଧାତୁମଳ ଏବଂ ପଥର ଖଣି ଗୁଣ୍ଡର ଅନୁପାତ ଯଥାକ୍ରମେ 90 ପ୍ରତିଶତ ଏବଂ 10 ପ୍ରତିଶତ ରହିବା ଉଚିତ୍ । ଉପରୋକ୍ତ ଅନୁପାତ ଆଧାରରେ, କାର୍ଯ୍ୟରେ ଧାତୁମଳର ଉପଯୋଗ କରା ଯାଇଥିଲେ ସବ୍-ବେସ୍ ର ମୂଲ୍ୟ ଘନ ମିଟର ପ୍ରତି 296.20 ଟଙ୍କା ରୁ 1,167.84 ଟଙ୍କା ହୋଇଥାନ୍ତା ।

ନିର୍ବାହୀ ଯନ୍ତ୍ରୀ, ଓ.ପି.ଡବ୍ଲ୍ୟୁ.ଡି. ସଂହିତା ଓ ଆଇ.ଆର.ସି.-37 ର ବିଚ୍ୟୁତି କରି ଧାତୁମଳ ନିଃଶୁଳ୍କ ମୂଲ୍ୟରେ ଉପଲବ୍ଧ ହେଉଥିବା ସତ୍ତ୍ୱେ ଆକଳନରେ ଏହାକୁ ବିଚାରକୁ ନ ନେଇ ପ୍ରସ୍ତର ଜାତ ଦ୍ରବ୍ୟକୁ ଅନ୍ତର୍ଭୁକ୍ତ କରିଥିଲେ । ଏହା ଯୋଗୁ 2.12 କୋଟି ଟଙ୍କାର ଅତିରିକ୍ତ ଅର୍ଥ ବ୍ୟୟ ହେଲା ଯାହାର ବିସ୍ତୃତ ବିବରଣୀ ପରିଶିଷ୍ଟ- 13 ରେ ସଂଲଗ୍ନ କରାଯାଇଛି ।

ସମୀକ୍ଷା ଏହା ଦର୍ଶାଇବାରୁ, ସଂପୃକ୍ତ ବିଭାଗ କହିଲେ (ଜୁଲାଇ 2021) ଯେ 2012 ରେ ସଂପୃକ୍ତ ବିଭାଜନ ପାଞ୍ଚ ଗୋଟି ରାସ୍ତା ନିର୍ମାଣ କାର୍ଯ୍ୟରେ ପରୀକ୍ଷାମୂଳକ ଭାବରେ ଧାତୁମଳର ବ୍ୟବସ୍ଥା କରିଥିଲେ । ରାସ୍ତା ସବ୍-ବେସ୍ ନିର୍ମାଣ କାର୍ଯ୍ୟରେ ଧାତୁମଳର ବ୍ୟବହାର ଯୋଗ୍ୟତା ନିର୍ଣ୍ଣୟ କରିବା ପାଇଁ ଏନ୍.ଆଇ.ଟି, ରାଉରକେଲାକୁ ଅନୁରୋଧ କରାଯାଇଥିଲା । ଯେହେତୁ ଏହି ତିନୋଟି କାର୍ଯ୍ୟର ଆକଳନ ପ୍ରସ୍ତୁତି ସମୟରେ ଏନ୍.ଆଇ.ଟି, ରାଉରକେଲାଙ୍କ ରିପୋର୍ଟ ହସ୍ତଗତ ହୋଇନଥିଲା, ସବ୍-ବେସ୍ ଭାବେ ଧାତୁମଳର ବ୍ୟବହାରକୁ ବିବେଚନା କରାଯାଇ ନ ଥିଲା । ପୁନଶ୍ଚ ଏହା କୁହାଗଲା ଯେ ଆବଶ୍ୟକୀୟ ଗ୍ରେଡ୍ ବିଶିଷ୍ଟ ଧାତୁମଳ ମଧ୍ୟ ଉପଲବ୍ଧ ନ ଥିଲା । ତଦନୁଯାୟୀ, ଏବେ ରାସ୍ତା ନିର୍ମାଣ କାର୍ଯ୍ୟରେ ଧାତୁମଳକୁ ଅନ୍ତର୍ଭୁକ୍ତ କରାଯାଉଅଛି ।

ବିଭାଗର ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଆଇ.ଆର.ସି.-37 ଅନୁଯାୟୀ ରାସ୍ତାର ସବ୍-ବେସ୍ ଲାଗି ଧାତୁମଳ ଏକ ଗ୍ରହଣୀୟ ସାମଗ୍ରୀ ଅଟେ ଏବଂ ଯାହାକି ପ୍ରସ୍ତର ଜାତ ଦ୍ରବ୍ୟ ଠାରୁ ଶସ୍ତା ଅଟେ, ତେଣୁ ଏହାର ବ୍ୟବହାର ଯୋଗ୍ୟତା ନିର୍ଣ୍ଣୟ ପାଇଁ କରିବାର କୌଣସି ଆବଶ୍ୟକତା ନ ଥିଲା । ପୁନଶ୍ଚ, ଏନ୍.ଆଇ.ଟି, ରାଉରକେଲା ରାସ୍ତା ନିର୍ମାଣ କାର୍ଯ୍ୟରେ ଧାତୁମଳର ଉପଯୁକ୍ତତା ସମ୍ବନ୍ଧରେ ଇତି ମଧ୍ୟରେ ସୁନିଶ୍ଚିତ କରି ସାରିଛନ୍ତି । ଏହି ଭାବରେ, ଆଇ.ଆର.ସି.-37 ର ବ୍ୟବସ୍ଥାକୁ ଉପେକ୍ଷା କରି ଧାତୁମଳର ଉପଯୋଗ କରା ନ ଯିବାରୁ 2.12 କୋଟି ଟଙ୍କାର ଅତିରିକ୍ତ ଅର୍ଥବ୍ୟୟ ହେଲା ।

### *3.9 ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀରେ ବିଫଳତା ଯୋଗୁ ଅଗ୍ରୀମ ଅସୁଲି ବିଫଳ ହେଲା*

**ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ମୋବିଲାଇଜେସନ୍ ଅଗ୍ରୀମ ର ଅସୁଲିରେ ପର୍ଯ୍ୟବେକ୍ଷଣର ବିଫଳତା କାରଣରୁ ସୁଧ ସମେତ 2.16 କୋଟି ଟଙ୍କା ଅବ୍ୟବସ୍ଥିତ ରହିଲା ।**

ଓ.ପି.ଡବ୍ଲ୍ୟୁ.ଡି. ସଂହିତାର ଅନୁଚ୍ଛେଦ 3.7.21(ସି) ରେ ଦର୍ଶାଯାଇଛି ଯେ କେବଳ ଅସାମାନ୍ୟ ପରିସ୍ଥିତିରେ ଠିକାଦାରଙ୍କୁ ଅଗ୍ରୀମ ପ୍ରଦାନ ମଞ୍ଜୁର କରାଯାଇପାରିବ, ଯେଉଁ ପରିପ୍ରେକ୍ଷୀରେ ଏହି ଅଗ୍ରୀମ ପ୍ରଦାନ କରାଯିବା ଅପରିହାର୍ଯ୍ୟ ବିବେଚିତ ହେବ । ସରକାରଙ୍କ କ୍ଷତିକୁ ରୋକିବା ପାଇଁ ଆବଶ୍ୟକୀୟ ସାବଧାନତା ଅବଲମ୍ବନ କରାଯିବା ଉଚିତ୍ ।

ଅଭିଯାନ୍ତ୍ରିକ ଅଧିଗ୍ରହଣ ନିର୍ମାଣ (ଇ.ପି.ସି.) ଚୁକ୍ତିନାମା ସର୍ତ୍ତାବଳୀ 19.2.1 ଅନୁଯାୟୀ ମୋବିଲାଇଜେସନ୍ ଏବଂ ଉପକରଣର ଅଧିଗ୍ରହଣ ପାଇଁ ପ୍ରାଧିକାରୀ ଚୁକ୍ତିନାମାର 10 ପ୍ରତିଶତ ଅର୍ଥ ଅଗ୍ରୀମ ଆକାରରେ ଠିକାଦାରଙ୍କୁ ପ୍ରଦାନ କରିବେ । ଏକ ଜାତୀୟ ବ୍ୟାଙ୍କ ଠାରୁ ନିଃସର୍ତ୍ତ ପ୍ରତ୍ୟାଭୂତି ପ୍ରାପ୍ତି ସହିତ ଯାହାକି ଏହାର ଭୁବନେଶ୍ୱର ଶାଖା ଦ୍ୱାରା ପ୍ରତି-ପ୍ରତ୍ୟାଭୂତ ହୋଇଥିବ, ଉକ୍ତ କିସ୍ତିର 110 ପ୍ରତିଶତ ପରିମାଣ ଠିକାଦାରଙ୍କୁ ଅଗ୍ରୀମ ଆକାରରେ ପ୍ରଦାନ କରାଯିବ । ଅଗ୍ରୀମ ଅର୍ଥର ପ୍ରତ୍ୟେକ କିସ୍ତି ଠିକାଦାରମାନେ ପ୍ରାଧିକାରୀ ମାନଙ୍କୁ 365 ଦିନରୁ କମ୍ ଅବଧି ମଧ୍ୟରେ ସୁଝିବା ଉଚିତ୍ । ଯଦି ଠିକାଦାର ଏହି ପରିମାଣର ଅର୍ଥକୁ ସୁଝିବାରେ ବିଫଳ ହୁଅନ୍ତି, ତେବେ ପ୍ରାଧିକାରୀ ଉକ୍ତ ବ୍ୟାଙ୍କ ପ୍ରତ୍ୟାଭୂତି

(ବି.ଜି.) କୁ ନଗଦୀ କରଣ କରିନେବେ ଏବଂ ଠିକାଦାର ପ୍ରାଧିକାରୀଙ୍କୁ ପ୍ରତ୍ୟେକ ବିଳମ୍ବିତ ଦିବସର ସୁଧ ପ୍ରଦାନ କରିବେ, ଯେଉଁ ସୁଧର ହାର ବାର୍ଷିକ 18 ପ୍ରତିଶତ[32] ହାରରେ ଗଣନା କରାଯିବ।

ନିର୍ବାହୀ ଯନ୍ତ୍ରୀ (ଇ.ଇ.), ରାସ୍ତା ଓ କୋଠାବାଡ଼ି ବିଭାଜନ, ଝାରସୁଗୁଡ଼ା, ଇବ୍ ନଦୀର ଡାହାଣ ପାର୍ଶ୍ୱରେ 500 ମିଟର ଦୈର୍ଘ୍ୟ ବିଶିଷ୍ଟ କ୍ଷୁଦ୍ର ପ୍ରବେଶ ମାର୍ଗ ସହିତ ଏକ ଉଚ୍ଚ-ସ୍ତର ପୋଲ (ଏଚ୍.ଏଲ୍.ବି.) ର ନିର୍ମାଣ ପାଇଁ ଠିକାଦାରଙ୍କୁ ଇ.ପି.ସି. ଚୁକ୍ତିନାମା ମାଧ୍ୟମରେ 117.49 କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ (ମାର୍ଚ୍ଚ 2014) ଯାହା ସେପ୍ଟେମ୍ବର 2016 ସୁଦ୍ଧା ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା । ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ବେଲପାହାଡ଼ ନିକଟସ୍ଥ ଏମ.ସି.ଏଲ. କୋଇଲା ଫିଲ୍ଡ ଅଞ୍ଚଳ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ନିକଟସ୍ଥ ଜାତୀୟ ରାଜପଥ-10 ସହିତ ନୂତନ ସଂଯୋଗ ପଥର ପ୍ରତିଷ୍ଠା କରାଯିବା ଏହି ଏଚ୍.ଏଲ୍.ବି. ର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟଟି 20 ଡିସେମ୍ବର 2017 ରେ ସମାପ୍ତ ହୋଇଥିଲା ଏବଂ ଠିକାଦାର ମାନଙ୍କୁ 118.11 କୋଟି ଟଙ୍କା ପ୍ରଦାନ କରାଯାଇ ସାରିଥିଲା (ମାର୍ଚ୍ଚ 2019) କିନ୍ତୁ ଅନ୍ତିମ ବିଲ୍‌ଟି ପ୍ରଦାନ କରାଯିବା ଯୋଗ୍ୟ ବାକି ଥିଲା (ଡିସେମ୍ବର 2020)।

ସମୀକ୍ଷା ଅବଲୋକନରୁ ଜଣାଗଲା ଯେ, ଉପକରଣର ମୋବିଲାଇଜେସନ୍ ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଜୁନ୍ 2014 ଏବଂ ଜୁନ୍ 2015 ମଧ୍ୟରେ ଚାରିଗୋଟି କିସ୍ତିରେ ଠିକାଦାରଙ୍କୁ 8.22 କୋଟି ଟଙ୍କା ପ୍ରଦାନ କରିଥିଲେ । ଜାନୁଆରୀ 2021ସୁଦ୍ଧା ମୂଳଧନ ଏବଂ ସୁଧ ସହିତ 11.21 କୋଟି ଟଙ୍କା ଠିକାଦାରଙ୍କ ଠାରୁ ଅସୁଲି ହେବା ବାକି ଥିଲା । ଯଦିଓ ନିର୍ବାହୀ ଯନ୍ତ୍ରୀ ମୋଟ ପ୍ରଦତ୍ତ ଅଗ୍ରୀମ ଏବଂ ସେଥିରେ ଏକତ୍ରିତ ସୁଧର ପରିମାଣ ମଧ୍ୟରୁ 9.05 କୋଟି ଟଙ୍କାର ପ୍ରଭାବୀ ଅସୁଲି କରିଥିଲେ, ବକେୟା ଅଗ୍ରୀମ ସହିତ ଅସୁଲିରେ ବିଳମ୍ବ ହେତୁ ଏହାର ସୁଧ ବାବଦରେ ମୋଟ 2.16 କୋଟି ଟଙ୍କା ସଂପୃକ୍ତ ଚଳନ୍ତି ହିସାବ ଲେଖା (ଆର.ଏ.) ବିଲ୍ ଗୁଡ଼ିକରୁ ଅସୁଲି କରାଯାଇ ପାରିନଥିଲା । ଠିକାଦାରଙ୍କୁ ଦିଆଯାଇଥିବା ଅଗ୍ରୀମର ପରିମାଣ, ସୁଧ ସହିତ ପ୍ରଭାବୀ ଅସୁଲିର ପରିମାଣ ଏବଂ ଅସୁଲି ହେବାକୁ ବକେୟା ରାଶିର ପରିମାଣ (ଅକ୍ଟୋବର, 2020 ସୁଦ୍ଧା) ନିମ୍ନ ସାରଣୀରେ ଦିଆଯାଇଛି ।

ସାରଣୀ: ପ୍ରଦତ୍ତ ଅଗ୍ରୀମ, ଅସୁଲି ହୋଇଥିବା ଅର୍ଥ ଏବଂ ବକେୟା ଦେୟର ପରିମାଣର ବିସ୍ତୃତ ବିବରଣୀ

| କ୍ରମ ସଂଖ୍ୟା | କିସ୍ତି | ମଞ୍ଜୁର ହୋଇଥିବା ତାରିଖ | ମଞ୍ଜୁର ହୋଇଥିବା ପରିମାଣ | ଅସୁଲି ନିମନ୍ତେ ବିଳମ୍ବିତ ଦିବସର ସଂଖ୍ୟା | ବକେୟା ସୁଧ ପ୍ରଥମ ବର୍ଷ ପାଇଁ 10 ପ୍ରତିଶତ ଏବଂ ତାହା ପରେ 18 ପ୍ରତିଶତ ଜାନୁଆରୀ 2021 ପର୍ଯ୍ୟନ୍ତ | ଅସୁଲି ଯୋଗ୍ୟ ମୋଟ ଦେୟ (ଟଙ୍କାରେ) | ଅସୁଲି ହୋଇଥିବା ପରିମାଣ (ଟଙ୍କାରେ) | ଅସୁଲି ହୋଇନଥିବା ପରିମାଣ (ଟଙ୍କାରେ) |
|---|---|---|---|---|---|---|---|---|
| 1 | 1ମ | 18/6/2014 | 2,34,98,000 | 344 | 22,14,606 | 2,57,12,606 | 2,57,12,606 | 0 |
| 2 | 2ୟ | 30/9/2014 | 1,17,49,000 | 365+274 | 60,21,926 | 4,12,68,926 | 4,12,68,926 | 0 |
| 3 | 3ୟ | 14/4/2015 | 2,34,98,000 | 365+78 | | | | |
| 4 | 4ର୍ଥ | 17/6/2015 | 2,34,98,000 | 365+1,659 +16 | 2,15,74,383 +35,890 | 4,50,72,383 +35,890 | 1,89,49,422* 45,48,578** | 2,61,22,961 (-)45,12,688 |
| ମୋଟ | | | 8,22,43,000 | | 2,98,46,805 | 11,20,89,805 | 9,04,79,532 | 2,16,10,273 |

(ଉତ୍ସ: - ସମୀକ୍ଷା ହୋଇଥିବା ଦସ୍ତାବିଜମାନଙ୍କ ଭିତ୍ତିରେ ଅଡିଟ ଦ୍ୱାରା ସଂକଳିତ)

ସମୀକ୍ଷା ଅବଲୋକନରୁ ଜଣାଗଲା ଯେ ନିମ୍ନ ଲିଖିତ ଆଭ୍ୟନ୍ତରୀଣ ବିଫଳତା ଗୁଡ଼ିକ ଯୋଗୁ ଦେୟ ଅସୁଲି ବିଫଳ ହୋଇଥିଲା :

- ଓ.ପି.ଡବ୍ଲ୍ୟୁ.ଡି.ର ବିହିତ ବ୍ୟବସ୍ଥାର ଉଲ୍ଲଂଘନରେ, ନିର୍ବାହୀ ଯନ୍ତ୍ରୀ ଠିକାଦାରଙ୍କୁ ପ୍ରଦତ୍ତ ଅଗ୍ରୀମ ଏବଂ ଚଳନ୍ତି ହିସାବ ବିଲ୍ ପ୍ରଦାନ ପୂର୍ବରୁ ପ୍ରଭାବୀ ଅସୁଲିର ପରିମାଣ ସମ୍ବନ୍ଧରେ ଠିକାଦାରଙ୍କ ଲେଜରର ତନଖି କରି ନ ଥିଲେ । ଏହି ଭାବରେ, ନିର୍ବାହୀ ଯନ୍ତ୍ରୀ ନିଷ୍ପାଦିତ କାର୍ଯ୍ୟ ପାଇଁ ଆର.ଏ. ବିଲ୍ କୁ ମଞ୍ଜୁରୀ ପ୍ରଦାନ କରିଥିଲେ କିନ୍ତୁ ଠିକାଦାରଙ୍କୁ ଦିଆଯାଇଥିବା ଅଗ୍ରୀମ ଅର୍ଥକୁ ବିଯୁକ୍ତ କରି ନଥିଲେ ।
- ବିଭାଜନ ଲେଖା ଅଧିକାରୀ ମଧ୍ୟ ଆର.ଏ. ବିଲ୍ ଗୁଡ଼ିକର ମଞ୍ଜୁରୀ ପୂର୍ବରୁ ଅଗ୍ରୀମକୁ ବିଯୁକ୍ତ କରିବା ଲାଗି ନିର୍ବାହୀ ଯନ୍ତ୍ରୀଙ୍କୁ ସୁପାରିଶ କରିବାରେ ମଧ୍ୟ ବିଫଳ ହୋଇଥିଲେ।

[32] ପ୍ରଥମ ବର୍ଷରେ 10 ପ୍ରତିଶତ

➢ ଏପରିକି ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟର ସମାପ୍ତି ଏବଂ ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ମୋବିଲାଇଜେସନ୍ ଅଗ୍ରୀମର ଆଦାୟ (ଡିସେମ୍ବର 2017) ପୂର୍ବରୁ ସୁରକ୍ଷା ଜମା ରାଶିକୁ ଫେରସ୍ତ କରିଥିଲେ (ନଭେମ୍ବର 2017) ।

➢ ବିଭାଗର ଅଧିକାରୀ ବି.ଜି. ରେଜିଷ୍ଟରର ଅନୁରକ୍ଷଣ ଏବଂ ଅଦ୍ୟତନ କରିବାରେ ବିଫଳ ହୋଇଥିଲେ ଯାହା ଦ୍ୱାରା ବି.ଜି.ର ନବୀକରଣ ଏବଂ ବୈଧ ସମୟ ସୀମାର ସମାପ୍ତି ଯାଞ୍ଚ ମଧ୍ୟ ବିଫଳ ହେଲା । ଏହି ଭାବରେ, ବିଭାଗର ଅଧିକାରୀ, ଠିକାଦାରଙ୍କୁ ପ୍ରଦତ୍ତ ଅର୍ଥର ବ୍ୟବସ୍ଥାପନ ନିମନ୍ତେ ବ୍ୟାଙ୍କ୍ ପ୍ରତ୍ୟାଭୂତିର ନଗଦୀ କରଣ କରିପାରି ନ ଥିଲେ ଏବଂ,

➢ ଚୁକ୍ତିନାମାର ସର୍ତ୍ତାବଳୀର ବିପରୀତ ଭାବରେ, ବ୍ୟାଙ୍କ୍ ପ୍ରତ୍ୟାଭୂତି ଗୁଡ଼ିକ ଏହାର ଭୁବନେଶ୍ୱର ଶାଖା ଠାରେ ପ୍ରତି-ପ୍ରତ୍ୟାଭୂତ ହୋଇଛି କି ନାହିଁ ତାହା ନିର୍ବାହୀ ଯନ୍ତ୍ରୀ ସୁନିଶ୍ଚିତ କରିନଥିଲେ ।

ଉପରୋକ୍ତ ଆକ୍ଷେପଣୀ ଅନୁଯାୟୀ, ନିର୍ବାହୀ ଯନ୍ତ୍ରୀଙ୍କ ନିଷ୍କ୍ରିୟତା ଯୋଗୁ ରାଜ କୋଷକୁ 2.16 କୋଟି ଟଙ୍କା ପରିମାଣର ଆର୍ଥିକ କ୍ଷତି ସହିବାକୁ ପଡ଼ିଲା । ତେଣୁ, କର୍ତ୍ତବ୍ୟ ପାଳନରେ ଅବହେଳା ପ୍ରଦର୍ଶନ ଯୋଗୁ ଆର୍ଥିକ କ୍ଷତି ଘଟି ଥିବାରୁ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ପ୍ରାରମ୍ଭ କରାଯିବା ଉଚିତ୍ ଏବଂ ଠିକାଦାରଙ୍କ ଠାରୁ ମୂଳ ଧନ ଏବଂ ସୁଧ ସହିତ ବକେୟା ଅର୍ଥ ଅସୁଲି ନିମନ୍ତେ ପଦକ୍ଷେପ ନିଆଯିବା ଉଚିତ୍ ।

ଏହା ଦର୍ଶାଇବାରୁ, ସରକାର ଜଣାଇଲେ (ଅଗଷ୍ଟ 2021) ଯେ ଅସାବଧାନତା ଜନିତ ତ୍ରୁଟି ଯୋଗୁ ଇ.ପି.ସି. ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ମୋବିଲାଇଜେସନ୍ ଅଗ୍ରୀମର ଅସୁଲି ହୋଇପାରି ନ ଥିଲା ଏବଂ ଇ.ପି.ସି. ସଂସ୍ଥା ଠାରୁ ସୁଧର ଅସୁଲି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

## ଅର୍ଥ ବିଭାଗ

### *3.10 ସମୀକ୍ଷା ପ୍ରତି ପ୍ରତିକ୍ରିୟା*

ସମୀକ୍ଷା ଫଳାଫଳ ଗୁଡ଼ିକର ସମୟାନୁଯାୟୀ ପ୍ରତିକ୍ରିୟା ହେଉଛି ଉତ୍ତମ ଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଯେହେତୁ ଏହା ସୁନିଶ୍ଚିତ କରାଏ ଯେ ସରକାର ତାଙ୍କର ଦାୟିତ୍ୱବାନ ଭୂମିକାକୁ ଗମ୍ଭୀରତାର ସହ ନେଉଛନ୍ତି ।

ପ୍ରଧାନ ମହାଲେଖାକାର (ସମୀକ୍ଷା- II), ଓଡ଼ିଶା ନିୟମିତ ସମୟ ବ୍ୟବଧାନରେ ପ୍ରସ୍ତାବିତ ନିୟମାବଳୀ ଏବଂ ପଦ୍ଧତି ଅନୁଯାୟୀ ସରକାରୀ ବିଭାଗ ଗୁଡ଼ିକ ଏବଂ ସେମାନଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡ଼ିକର ଦେଣ ନେଣ ଏବଂ ଗୁରୁତ୍ୱପୂର୍ଣ୍ଣ ଲେଖା ତଥା ଅନ୍ୟ ନଥିପତ୍ର ରକ୍ଷଣା ବେକ୍ଷଣ ସତ୍ୟାପନ କରିବା ପାଇଁ ନିରୀକ୍ଷଣ କରିଥାନ୍ତି । ଏହି ନିରୀକ୍ଷଣ ଗୁଡ଼ିକ ସମ୍ପାଦିତ ହେବା ପରେ ନିରୀକ୍ଷଣ ରିପୋର୍ଟ (ଆଇ.ଆର.) ଗୁଡ଼ିକ କାର୍ଯ୍ୟାଳୟ ମୁଖ୍ୟ ଏବଂ ପରବର୍ତ୍ତୀ ଉପରସ୍ଥ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଥାଏ । ତ୍ରୁଟି ଓ ବିଚ୍ୟୁତିଗୁଡ଼ିକୁ ତ୍ୱରିତ ଭାବରେ ଧ୍ୟାନ ଦିଆଯିବା ଏବଂ ତାହାର ଅନୁପାଳନ ପ୍ରଧାନ ମହାଲେଖାକାରଙ୍କୁ ପ୍ରେରଣ କରିବା ଆଶା କରାଯାଏ । ସମୀକ୍ଷା ଅବଲୋକନ ଗୁଡ଼ିକର ବିଭାଗମାନଙ୍କର ଦ୍ୱାରା ଅନୁପାଳନ ସମୟାନୁବର୍ତ୍ତୀତାକୁ ସୁବିଧାଜନକ କରିବା ପାଇଁ ବାକି ଥିବା ନିରୀକ୍ଷଣ ରିପୋର୍ଟ ଗୁଡ଼ିକର ଏକ ଅର୍ଦ୍ଧ ବାର୍ଷିକ ବିବରଣୀ ପ୍ରତି ବିଭାଗର ସଚିବମାନଙ୍କୁ ପ୍ରେରଣ କରାଯାଇଥାଏ । ଉପରୋକ୍ତ ସ୍ଥାୟୀ ପ୍ରକ୍ରିୟା ବ୍ୟତୀତ, ପ୍ରଶାସନିକ ବିଭାଗମାନଙ୍କର ପ୍ରତିନିଧି, ପ୍ରଧାନ ମହାଲେଖାକାର (ସମୀକ୍ଷା- II) ଏବଂ ଅର୍ଥ ବିଭାଗର ପ୍ରତିନିଧିମାନଙ୍କୁ ନେଇ ଗଠିତ ସମୀକ୍ଷା କମିଟି ବୈଠକରେ ତଥ୍ୟଗତ ଯାଞ୍ଚ କରାଯିବା ସହିତ ବାକିଥିବା ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦ ଗୁଡ଼ିକର ବିସ୍ତୃତ ବିଚାର ବିମର୍ଷ ଓ ସତ୍ୟାସତ୍ୟ ପ୍ରମାଣ ଦ୍ୱାରା ମୀମାଂସା କରାଯାଇଥାଏ ।

ଏକ ଅନୁଧ୍ୟାନରୁ ଜଣାଗଲା ଯେ ମାର୍ଚ୍ଚ 2020 ସୁଦ୍ଧା ଜାରୀ ହୋଇଥିବା 12 ଟି ବିଭାଗ ଅନ୍ତର୍ଗତ 3,473 ଟି ନିରୀକ୍ଷଣ ରିପୋର୍ଟର 12.530 ଟି ଅନୁଚ୍ଛେଦ ଜୁନ 2020 ଶେଷ ସୁଦ୍ଧା ବାକି ରହିଥିଲା । ଏଥିମଧ୍ୟରୁ, 1,328 ଟି ନିରୀକ୍ଷଣ ରିପୋର୍ଟର 3,050 ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ ଅବଧି ଧରି ବାକି ରହିଥିଲା (ପରିଶିଷ୍ଟ- **14**)। ଏପରିକି କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ ପ୍ରଥମ ଉତ୍ତର ଯାହାକି ଏକ ମାସ ଭିତରେ ଦାଖଲ କରାଯିବା କଥା, ଜାରୀ ହୋଇଥିବା 1,222 ଟି ନିରୀକ୍ଷଣ ରିପୋର୍ଟ ସମ୍ବନ୍ଧରେ ଏହି ଉତ୍ତର ମାର୍ଚ୍ଚ 2020 ସୁଦ୍ଧା ପ୍ରାପ୍ତ ହୋଇନଥିଲା ଯଦିଓ ଏହା ଅପେକ୍ସ କମିଟି ବୈଠକ ଏବଂ ବିଭାଗୀୟ ତଦାରଖ କମିଟି ବୈଠକ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲା। ବର୍ଷ-ଓ୍ୱାରୀ ବାକି ଥିବା ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦ ଗୁଡ଼ିକର ବିବରଣୀ ପରିଶିଷ୍ଟ – **15** ରେ ପ୍ରଦାନ କରାଯାଇଛି ।

ଏହି ନିରୀକ୍ଷଣ ରିପୋର୍ଟଗୁଡିକରେ ଦର୍ଶାଯାଇଥିବା ଗୁରୁତର ଅନିୟମିତତା ଗୁଡିକର ମୀମାଂସା ଜୁନ୍ 2020 ସୁଦ୍ଧା ହୋଇନାହିଁ (ପରିଶିଷ୍ଟ - 16)। ଅନୁଚ୍ଛେଦ ସଂଖ୍ୟା ଏବଂ ଏହିସବୁ ଅନିୟମିତତାରେ ଜଡିତ ଅର୍ଥର ପରିମାଣ ନିମ୍ନ ସାରଣୀ ରେ ଶ୍ରେଣୀ ଭୁକ୍ତ କରାଯାଇଛି।

ସାରଣୀ – 3.2 - ଅନିୟମିତତାର ଶ୍ରେଣୀ, ଅନୁଚ୍ଛେଦ ସଂଖ୍ୟା ଏବଂ ପରିମାଣ

(ଟଙ୍କା କୋଟିରେ)

| କ୍ରମିକ ସଂଖ୍ୟା | ଅନିୟମିତତାର ଶ୍ରେଣୀ | ଅନୁଚ୍ଛେଦ ସଂଖ୍ୟା | ପରିମାଣ |
|---|---|---|---|
| 1 | ନିୟମ ଓ ବିନିୟମାବଳୀର ଅନୁପାଳନ ନ କରିବା | 136 | 1,237.72 |
| 2 | ଔଚିତ୍ୟ ବିରୋଧୀ ର ସମୀକ୍ଷା/ ପ୍ରାଧିକୃତ ନ ଥାଇ ଅର୍ଥବ୍ୟୟ | 29 | 114.89 |
| 3 | ଜବାବର ଅଭାବ/ ବ୍ୟାପକ ଅନିୟମିତତା | 11 | 250.43 |
| 4 | ପର୍ଯ୍ୟବେକ୍ଷଣ/ ଶାସନୀୟ ବିଫଳତା | 4 | 7 |
| | | **180** | **1,610.04** |
| | ମୋଟ | | |

ସମୀକ୍ଷା ବର୍ଷାନୁବର୍ଷ ଏହି ଭଳି ଘଟିଥିବା ଅନିୟମିତତା ଉପରେ ଆପତ୍ତି ଉଠାଇଥିଲେ ଏବଂ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ମାଧ୍ୟମରେ ଏହାର ପୁନରାବୃତ୍ତି ରୋକିବା ପାଇଁ ପ୍ରତିକାର ମୂଳକ ପଦକ୍ଷେପର ପ୍ରାରମ୍ଭ କରିବା ନିମନ୍ତେ ସୂଚିତ କରିଥିଲେ। ସମୀକ୍ଷା ଅବଲୋକନ କଲା ଯେ, ରାଜ୍ୟ ସରକାର ସଂଶୋଧନମୂଳକ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ସେହି ସବୁ ସ୍ଥାୟୀ ଅନିୟମିତତା ଗୁଡ଼ିକ ନିରନ୍ତର ରହିଥିଲା। ସେହି ସବୁ ଅନିୟମିତତା ଗୁଡ଼ିକ ମଧ୍ୟରୁ କିଛିର ବିସ୍ତୃତ ବିବରଣୀ ପରିଶିଷ୍ଟ- 17 ରେ ପ୍ରଦାନ କରାଯାଇଛି।